## ମା’ ତାରାତାରିଣୀଙ୍କ ଦର୍ଶନ କଲେ ୧୪ଜଣ ବିଦେଶୀ ଶ୍ରଦ୍ଧାଳୁ

**ବ୍ରହ୍ମପୁର,୫ା୩(ସମିସ):** ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ ମନ୍ଦିର ରୂପାନ୍ତରିତ ହୋଇଛି। ଏଥିଯୋଗୁଁ ରାଜ୍ୟ ବାହାର ସମେତ ସମ୍ପ୍ରତି ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟ ସୁଅ ଛୁଟୁଛି। ମଙ୍ଗଳବାର ମା’ ତାରାତାରିଣୀଙ୍କ ଦର୍ଶନ କରିଛନ୍ତି ୧୪ ଜଣ ବିଦେଶିନୀ ଶ୍ରଦ୍ଧାଳୁ। ସେମାନେ ମା’ଙ୍କ ଆଶୀର୍ବାଦ ଲାଭ କରି ଫେରିଛନ୍ତି।



ସୂଚନା ମୁତାବକ ଋଷିଆରୁ ୧୪ ଜଣ ବିଦେଶିନୀ ମହିଳା ଭାରତ ଭ୍ରମଣରେ ଆସିଛନ୍ତି। ଏହି ମହିଳାମାନେ ମୁଖ୍ୟତଃ ଦେଶରେ ରହିଥିବା ୫୧ଟି ଶକ୍ତି ପୀଠ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇ ଗୋଟି ପୀଠ ରହିଛି। ଗୋଟିଏ ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ପୀଠ। ଅନ୍ୟଟି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ। ସୋମବାର ଏହି ବିଦେଶିନୀ ଶ୍ରଦ୍ଧାଳୁ ମା’ ବିରଜାଙ୍କ ପୀଠ ବୁଲି ଦେଖିବା ସହ ମାଆଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ସକାଳେ ଏମାନେ ଗଞ୍ଜାମ ଅଭିମୁଖେ ବାହାରିଥିଲେ। ଅପରାହ୍ନରେ ମା’ ତାରାତାରିଣୀ ମନ୍ଦିରରରେ ପହଞ୍ଚିଥିଲେ। ଏଠାରେ ମା’ଙ୍କ ଆଶିଷ ନେଇ ଏଠାକାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟରେ ପଚାରି ବୁଝିଥିଲେ। ମା’ଙ୍କ ଦର୍ଶନ କରି ସେମାନେ ବେଶ୍ ଖୁସି ଅନୁଭବ କରିଛନ୍ତି। ଜାତୀୟ ଟୁରିଷ୍ଟ ଗାଇଡ ଲଳିତ ମୋହନ ପଣ୍ଡା ସମସ୍ତ ପର୍ଯ୍ୟଟକଙ୍କୁ ମା’ଙ୍କ ଦର୍ଶନ କରାଇବା ସହ ମନ୍ଦିର ଇତିହାସ ସମ୍ବନ୍ଧରେ ବୁଝାଇଥିଲେ।

## ସ୍ତ୍ରୀକୁ ନିର୍ଯାତନା ଓ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଗିରଫ

**ବ୍ରହ୍ମପୁର,୫ ।୩(ସମିସ):** ନିଜ ପତ୍ନୀଙ୍କୁ ନିର୍ଯ୍ୟାତନା ଦେବା ଓ ଆକ୍ରମଣ ଅଭିଯୋଗରେ ମହିଳା ଥାନା ପୁଲିସ ପିଡିତାଙ୍କ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଜୁଗୁଡ଼ି ଗ୍ରାମର କାଳିଆ ଦାସ(୨୭)। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ସନ୍ଧ୍ୟାରାଣୀ ଦାସ ଜୁଗୁଡ଼ି ଗ୍ରାମର କାଳିଆ ଦାସଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ କନ୍ୟା ସନ୍ତାନ ଅଛି। ଗତକିଛି ମାସ ହେଲା କାଳିଆ ନିଜ ପତ୍ନୀ ସନ୍ଧ୍ୟାରାଣୀଙ୍କୁ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବି କରି ଆସୁଥିଲେ। ଏପରିକି ଏହାକୁ ନେଇ ବିଭିନ୍ନ ସମୟରେ ଉଭୟ କାଳିଆ ଓ ସନ୍ଧ୍ୟାଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ପୂର୍ବରୁ ଜୁଗୁଡ଼ି ଗାଁ ନିକଟସ୍ଥ ନଦୀ ନିକଟରେ ତାଙ୍କୁ ଜୀବନରୁ ମାରିଦେବାକୁ କଳିଆ ଉଦ୍ୟମ କରିଥିଲେ ବୋଲି ସନ୍ଧ୍ୟା ଅଭିଯୋଗ କରିଛନ୍ତି। ମଙ୍ଗଳବାର ପୁଣି ସ୍ତ୍ରୀ ସନ୍ଧ୍ୟାଙ୍କୁ ନିର୍ଯାତନା ଦେବାସହ ଆକ୍ରମଣ କରିଥିଲେ। ଏଥିରେ ସନ୍ଧ୍ୟାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସନ୍ଧ୍ୟା ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଚିକିତ୍ସା ହେବା ପରେ ଘଟଣାକୁ ନେଇ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ସ୍ୱାମୀ କଳିଆକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଏଏସଆଇ ବବିତା ସୁନାଲକ୍ଷ୍ମୀ ସୂଚନା ଦେଇଛନ୍ତି।

# ଟ୍ୟୁସନରେ ଛାଡ଼ିଦେବା ଆଳରେ ଦୁଇଭଉଣୀଙ୍କୁ ଅପହରଣ ଉଦ୍ୟମ, ଅଭିଯୁକ୍ତ ଗିରଫ

### ଅଭିଯୁକ୍ତକୁ ଧରି ନିର୍ଘୁମ ଛେଚିଲେ ଅଞ୍ଚଳବାସୀ

**ସୋରଡା,୫ା୩(ସମିସ)**

ଦୁଇ ନାବାଳିକା ଭଉଣୀଙ୍କୁ ଟ୍ୟୁସନ ଛାଡିଦେବା ଆଳରେ ଅପହରଣ କରିବା ଓ ଅସଦାଚରଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଗୋଷାଣିନୁଆଗାଁ ଥାନା ଅଞ୍ଚଳର ବିପିନ ସାହୁ(୩୦)। ଉଭୟ ପିଡିତାଙ୍କ ବୟାନ ରେକର୍ଡ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଗତ ୧ତାରିଖରେ ଟାଉନ ଥାନା ଅଞ୍ଚଳର ଦୁଇ ନାବାଳିକା ଭଉଣୀ



ଟ୍ୟୁସନକୁ ଚାଲିଚାଲି ଯାଉଥିବା ବେଳେ ସ୍ଥାନୀୟ ରେଡ଼ି ଗ୍ୟାରେଜ ଛକ ନିକଟରେ ବିପିନ ସାହୁ ଉଭୟଙ୍କୁ ଅଟକାଇଥିଲା। ପରେ ସେମାନଙ୍କୁ ଟ୍ୟୁସନରେ ଛାଡିଦେବାକୁ ବିପିନ କହିଥିଲା। ତେବେ ଦୁଇ ଭଉଣୀ ଏଥିରେ ରାଜି ନହେବାରୁ ବିପିନ ବଳପୂର୍ବକ ସେମାନଙ୍କୁ ଗାଡିରେ ବସାଇ ନେଇଯାଇଥିଲା। ନାବାଳିକା ଦୁଇ ଭଉଣୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ବିପିନକୁ କାବୁ କରି ନିର୍ଘୁମ ମାଡ଼ ମାରିଥିଲେ। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗୁରୁତର ବିପିନକୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରିଥିଲା। ଘଟଣା ପର ଚିକିତ୍ସା ଜାରି ରହିଥିବା ବେଳେ ମଙ୍ଗଳବାର ବିପିନ ଡାକ୍ତରଖାନାରୁ ଡିସଚାର୍ଜ ହୋଇଥିଲା। ଘଟଣାକୁ ନେଇ ଟାଉନରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ପୁଲିସ ବିପିନକୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତଅଧିକାରୀ ତଥା ଏସଆଇ ସିଲୁ ଧଳ ସୂଚନା ଦେଇଛନ୍ତି। ଅଭିଯୁକ୍ତ ବିପିନ ସାହୁ ଉଭୟ ଭଉଣୀଙ୍କୁ ଅପହରଣ କରି ନେଇ ତାଙ୍କ ପରିବାର ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦାବି କରିଥାନ୍ତା ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ନକଲି ଆଚାର କାରଖାନା ଉପରେ ଚଢ଼ଉ ଘଟଣା:ମାଲିକ ଗିରଫ

**ବ୍ରହ୍ମପୁର,୫ା୩(ସମିସ):** ନକଲି କାରବାରର ପେଣ୍ଠସ୍ଥଳୀ ପାଲଟିଛି ବଡବଜାର ଅଞ୍ଚଳ। ପୂର୍ବରୁ ଏହି ଅଞ୍ଚଳରୁ ବିଭିନ୍ନ ପ୍ରକାର ନକଲି ଖାଦ୍ୟସାମଗ୍ରୀ ଧରାପଡିଥିବା ବେଳେ ବର୍ତ୍ତମାନ ନକଲି ଆଚାର ପ୍ରସ୍ତୁତି କାରଖାନା ସାମ୍ନାକୁ ଆସିଛି। ପୁଲିସ ଏବଂ ଖାଦ୍ୟସୁରକ୍ଷା ବିଭାଗର ମିଳିତ ଉଦ୍ୟମରେ ଗତ ସୋମବାର ସନ୍ଧ୍ୟାରେ ବଡବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ୪ର୍ଥ ଲାଇନରେ ଏକ ଭଡାଘରୁ ବିପୁଳ ପରିମାଣର ନକଲି ଆଚାର ଓ ଡବା ଜବତ କରାଯାଇଥିଲା। ନକଲି ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରୀ ଅଭିଯୋଗରେ ବଡବଜାର ଥାନା ପୁଲିସ ଉକ୍ତ କାରଖାନାର ମାଲିକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଅମ୍ବିକାନଗରର ପିଣ୍ଟୁ ସାହୁ(୩୪)। ପୁଲିସ ଘଟଣାସ୍ଥଳରୁ ଡି. ପାଉଡର କେମିକାଲ୍ସ, ସୋଡିୟମ୍ ବେଞ୍ଜୋଏଟ୍ କେମିକାଲ୍ସ, ଆମ୍ବସୋଢା, ନିଷିଦ୍ଧ ସିନ୍ଥେଟିକ୍

### ନାମୀଦାମୀ କମ୍ପାନୀର ଷ୍ଟିକର ବ୍ୟବହାର କରି ଚଳାଇଥିଲେ କାରବାର

ଖାଦ୍ୟ ରଙ୍ଗ, ଡବଲ ସୋରିଷ ତେଲ ଏବଂ ସୋରିଷ ପାଉଡର, ପ୍ରିୟା ପିକେଲ୍ସ, ଶ୍ରୀଦୁର୍ଗା ପିକେଲ୍ସ, ପ୍ରାଇମ୍ ପିକେଲ୍ସ, ଲେମ୍ବୁ ପିକେଲ୍ସ, ଆମ୍ବ ମିଠା, ଅଦା ଖଟା, ସିଲ୍, ଓଜନ ମେସିନ ସାମଗ୍ରୀ ଓ ବିଭିନ୍ନ ବ୍ରାଣ୍ଡର କମ୍ପାନୀର ଖାଲି ପିକ୍ କଣ୍ଟେନର୍ସକୁ ପୁଲିସ ଜବତ କରିଛି। ଜବତ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ସାଢ଼େ ୨ଲକ୍ଷରୁ ଅଧିକ ହେବ ବୋଲି ପୁଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ ଯେ, ବଡବଜାର ଥାନା ଅନ୍ତର୍ଗତ ବ୍ରଜରାଜନଗର ୪ର୍ଥ ଲାଇନରେ ଥିବା ଏକ ଭଡାଘରେ ଅନେକ ଦିନଧରି ନକଲି ଆଚାର କାରଖାନା ଚାଲୁଥିବା ନେଇ ପୁଲିସ ସୂଚନା ପାଇଥିଲା। ସେହିକ୍ରମରେ ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟସୁରକ୍ଷା ଅଧିକାରୀ ସ୍ମିତା ଖାଡଙ୍ଗା ଓ ବଡବଜାର ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ସୋମବାର ଅପରାହ୍ନରେ ନକଲି ଆଚାର କାରଖାନାରେ ଚଢଉ କରାଯାଇଥିଲା। ଚଢଉବେଳେ ସେଠାରୁ ବିଭିନ୍ନ ନାମିଦାମୀ କମ୍ପାନୀ ନାଁରେ ଡବାରେ ଭର୍ତ୍ତି ହୋଇଥିବା ୧୫୦ରୁ ଅଧିକ ଆଚାର ଡବା ଜବତ କରାଯାଇଥିଲା। ବଜାରରୁ ବିଭିନ୍ନ କମ୍ପାନୀର ଆଚାର କ୍ରୟ କରି ସେଥିରେ ନକଲି ଆଚାରକୁ ମିଶାଇ ପୁଣିଥରେ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ପଠାଯାଉଥିବା ଗିରଫ ପିଣ୍ଟୁ ପୁଲିସ ନିକଟରେ ସ୍ୱୀକାର କରିଛି। ଗତ ୧ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପିଣ୍ଟୁ ବଜାରରେ ଏଭଳି ନକଲି ଆଚାର କାରବାରରେ ଲିପ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଚଢଉ ପରେ ବିଇଏମସି ଖାଦ୍ୟ



ନିରାପତ୍ତା ଅଧିକାରୀଙ୍କ ସହାୟତାରେ ସମସ୍ତ ପ୍ରକାରର ଆଚାରରୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ସ୍ଥିତ ଖାଦ୍ୟପରୀକ୍ଷା ଲାବୋରେଟୋରୀକୁ ପଠାଯାଇଛି। ଏହି ଘଟଣାରେ ଅନ୍ୟକାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ନକଲି ଆଚାର ବା ଅପମିଶ୍ରିତ ଆଚାର ଏବେ ମଧ୍ୟ ବିପୁଳ ପରିମାଣରେ ବଜାରରେ ମହଜୁଦ ଥିବା ଆଶଙ୍କା ସୃଷ୍ଟି ହୋଇଛି। ଏସମ୍ପର୍କିତ ଆଗକୁ ଯଦି କିଛି ଅଭିଯୋଗ ଆସେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ। ତେବେ ଏହି ଆଚାର କେଉଁ କେଉଁ ଅଞ୍ଚଳକୁ ରପ୍ତାନୀ ହୋଇଛି ଏବଂ କେତେ ପରିମାଣର ଯାଇଛି ସେନେଇ ମଧ୍ୟ ପୁଲିସ ତଦନ୍ତ ଜାରି ରଖିଥିବା ବଡବଜାର ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁ କହିଛନ୍ତି।

## ଉଭିଦ ବିଜ୍ଞାନ ବିଭାଗର ପୁରାତନ ବିଦ୍ୟାର୍ଥୀ ପରିଷଦର ବାର୍ଷିକ ସମ୍ମିଳନୀ

**ବ୍ରହ୍ମପୁର,୫ ।୩(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଭିଦ ବିଜ୍ଞାନ ବିଭାଗର ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମଙ୍ଗଳବାର ବାର୍ଷିକ ସମ୍ମିଳନୀ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରଫେସର ସଚ୍ଚିଦାନନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନିଖିଳ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ପରିବେଶବିତ ଡ଼. ସୁନ୍ଦର ନାରାୟଣ ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ଡ଼. ସତୀଶ ପ୍ରସାଦ ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ଼. ସୁଶାନ୍ତ କୁମାର ବରାଳ, କୋଷାଧ୍ୟକ୍ଷ ଡ଼. ମୃତ୍ୟୁଞ୍ଜୟ ଜେନା, ବିଭାଗୀୟ ସଂଯୋଜକ ଡ଼. ବିଶ୍ୱରଞ୍ଜନ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାଚୀନ ଯୁଗର ଉଭିଦ ବିଜ୍ଞାନର ଗବେଷଣା ଓ ଆଧୁନିକ ଉଭିଦ ବିଜ୍ଞାନର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ସାଂଗଠାନିକ ବ୍ୟବସ୍ଥା ଓ ପରିଷଦର ବିକାଶ ଦିଗରେ ଆଲୋଚନା ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ ଭିତ୍ତିକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ମେଧାବୃତ୍ତି ଅନୁଦାନ ପତ୍ର ବଣ୍ଟନ

**ବ୍ରହ୍ମପୁର,୫ ।୩(ସମିସ):** ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ନୂଆ-ଓ ଅନ୍ତର୍ଗତ ମେଧାବୃତ୍ତି ଅନୁଦାନ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପ୍ରମିଳା ଖାଡ଼ଙ୍ଗା ସଭାପତିତ୍ୱ କରି ନୂଆ-ଓ ମେଧାବୃତ୍ତି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ସରକାରଙ୍କ ଉକ୍ତ ଯୋଜନାକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଅଭିନବ ଓ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ଯୋଗଦାନ କରି ନିଜ ବକ୍ତବ୍ୟରେ ଓଡିଶା ସରକାରଙ୍କ ଉକ୍ତ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉଜ୍ୱଳ ଭବିଷ୍ୟତ ଗଠନର ମାର୍ଗ ସମ୍ପର୍କରେ ଅବଗତ କରାଇ ଉତ୍ସାହିତ କରିଥିଲେ। ଏତଦ ବ୍ୟତୀତ ମଞ୍ଚାସୀନ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ତଥା ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ଆନନ୍ଦ ସେଠୀ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ମେଧାବୃତ୍ତି ବିଭାଗର ମୁଖ୍ୟ ଡ.ସୁଶାନ୍ତ କୁମାର ପରିଡ଼ା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପରିଶେଷରେ ହିନ୍ଦୀ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ସମସ୍ତ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ଅନୁଦାନ ପତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



### ବିଜେଡି ପକ୍ଷରୁ
### ବିଜୁ ବାବୁଙ୍କ ଜୟନ୍ତୀ ପାଳିତ

# ଓଡ଼ିଶା ବିକାଶରେ ସାରଥି ହେବାକୁ ସଂକଳ୍ପ ନେଲେ ନେତା ଓ କର୍ମୀ





**ବ୍ରହ୍ମପୁର, ୫।୩(ସମିସ)**

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ବ୍ରହ୍ମପୁର ମହାନଗର ନିଗମ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ଅବସରରେ ପ୍ରାତଃରେ ଅଧିଷ୍ଠାତ୍ରୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ବିଜୁବାବୁଙ୍କ ସ୍ମୃତିରେ ଦୀପଦାନ କରାଯାଇଛି। ଏହା ପରେ ଦେଶୀ ବେହେରା ସାହି, ପୁରୁଣା ତାଲୁକା ଓ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି ବହୁ ନେତା ଓ କର୍ମୀ। ଏଠାରେ ପ୍ରବାଦ ପୁରୁଷଙ୍କୁ ମନେ ପକାଇବା ସହିତ ତାଙ୍କ ସ୍ମୃତି ଚାରଣ କରି ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ସମ୍ପର୍କରେ ନେତାମାନେ ଗୁଣଗାନ କରିଥିଲେ। ଏହାପରେ ସ୍ଥାନୀୟ ନଗର ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଅପରାହ୍ନରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ସ୍ଥାନୀୟ ଉତ୍କଳ ସିନେମା ହଲ ଛକଠାରୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଏକ ହୋଇ ବିରାଟ ସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି ସମୟରେ ପ୍ରତ୍ୟେକ କର୍ମୀ ମୁଁ ବିଜୁ ବାବୁ ପରି ହେବି ବୋଲି ନା।। ଦେଇଥିଲେ। ଶେଷରେ ଗଜପତି ନଗରଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। ଏଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନେତା ଓ କର୍ମୀମନେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲଞ୍ଜ୍ୟ ଅର୍ପଣ କରିଥିଲେ। ଏହି ସଭାରେ ବିଜୁବାବୁଙ୍କ ସ୍ମୃତି ଚାରଣ କରାଯାଇ ସାଢେ ଚାରିକୋଟି ଓଡ଼ିଆଙ୍କ ସ୍ୱାଭିମାନ ଓ ରାଜ୍ୟର ଉନ୍ନତି ଲଢିବା ଲାଗି କର୍ମୀମାନେ ସଂକଳ୍ପ ନେଇଥିଲେ। ସମସ୍ତେ ଶପଥ ପାଠ କରି ରାଜ୍ୟବାସୀଙ୍କୁ ନିଷ୍ଠାପର ସେବା ପ୍ରଦାନ କରିବା ସହ ଲୋକଙ୍କ ସୁଖ ଦୁଃଖରେ ସାଥି ହୋଇ ଚାଲିବେ। ସେହିପରି ଜାରି ରହିଥିବା ଓଡ଼ିଶାର ବିକାଶରେ ସମସ୍ତେ ସାରଥୀ ହୋଇ ଚାଲିବେ ବୋଲି ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ମହାନଗର ଯୁବ ବିଜେଡି ସଭାପତି ଅଜିତ କୁମାର ପଣ୍ଡା, ଛାତ୍ର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ମହାନଗର ସଭାପତି ବିଜୟ ସାମଲ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ ମୋହନଙ୍କ ସମେତ ବହୁ କର୍ପୋରେଟର, ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ
### ଦୀପଦାନ କରି ପ୍ରବାଦ ପୁରୁଷଙ୍କୁ ମନେପକାଇଲେ ବିଜୁପ୍ରେମୀ

## ଆଇଟିଆଇରେ ଚମକୁଛି ସ୍କ୍ରାପ୍‌ରେ ନିର୍ମିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି



**ବ୍ରହ୍ମପୁର, ୫।୩(ସମିସ):** ବ୍ରହ୍ମପୁର ସରକାରୀ ଆଇଟିଆଇ ପରିସରରେ ସ୍କ୍ରାପ୍‌ରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହାର ପଛପଟେ ଓଡ଼ିଶା ମାନଚିତ୍ର ସ୍ଥାନ ପାଇଛି। ଯାହା ବର୍ତ୍ତମାନ ମନ ମୋହୁଛି। ନଷ୍ଟ ଦ୍ରବ୍ୟରେ ଆଇଟିଆଇ ପିଲାମାନେ ଶ୍ରେଷ୍ଠ କଳାକୃତି ନିର୍ମାଣ କରିଛନ୍ତି। ଶିକ୍ଷାନୁଷ୍ଠାନ ପରିସରରେ ଏହା ସ୍ଥାପିତ ହୋଇଥିବା ବେଳେ ସ୍କିଲ ଇନ ଓଡ଼ିଶା କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହିତ କରୁଛି। ମଙ୍ଗଳବାର ବିଜୁ ବାବୁଙ୍କ ଜୟନ୍ତ ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ ଡ଼ ରଜତ କୁମାର ପାଣିଗ୍ରାହୀ ଓ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପ୍ରବାଦ ପୁରୁଷଙ୍କୁ ସ୍ମରଣ କରିଛନ୍ତି।

## ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜର ଛାତ୍ରୀନିବାସ ଉଦ୍‌ଘାଟିତ




**ବ୍ରହ୍ମପୁର, ୫।୩(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡ଼ିକାଲ କଲେଜରେ ଛାତ୍ରୀନିବାସ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ସମ୍ମାନିତ ଅତିଥି ଭାବେ କର୍ପୋରେଟର ମମତା ବିଷୋୟୀ ଯୋଗଦେଇ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦଘାଟନ କରିଥିଲେ। ପୂର୍ବରୁ ଉକ୍ତ ହୋମିଓପାଥିକ ମେଡ଼ିକାଲ କଲେଜରେ ପଢୁଥିବା ଛାତ୍ରୀଙ୍କ ନିମନ୍ତେ ଛାତ୍ରୀନିବାସ ନଥିବା ବେଳେ ଛାତ୍ରୀମାନେ ବାହାରେ ଘର ଭଡ଼ା ନେଇ ରହୁଥିଲେ। ବର୍ତ୍ତମାନ ମେଡ଼ିକାଲ କଲେଜର ପରିସରରେ ଛାତ୍ରୀନିବାସର ବ୍ୟବସ୍ଥା ହୋଇଥିବା ବେଳେ ଛାତ୍ରୀମାନେ ଉପକୃତ ହେବେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡ଼ିକାଲ କଲେଜର ଅଧ୍ୟକ୍ଷ ଡ଼ା. ପି. କେ ବେବର୍ତ୍ତା, ହଷ୍ଟେଲ ସୁପରିଟେଡାଣ୍ଟ ଡା. ଗୀତାଞ୍ଜଳି ପଟ୍ଟନାୟକ, ଛାତ୍ର ସଂଘର ସଭାପତି ଜ୍ୟୋତି ପ୍ରକାଶ ନାଥ ଓ ସମ୍ପାଦକ ରଶ୍ମୀ ରଞ୍ଜନ ନାୟକଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ସତ୍ୟଙ୍କ କଳାକୃତି
## କାଠରେ ନିର୍ମାଣ କଲେ ବିଜୁବାବୁଙ୍କ ପ୍ରତିକୃତି



**ବ୍ରହ୍ମପୁର, ୫।୩(ସମିସ):** ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜନ୍ମ ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କାଠରେ ତିଆରି କରିଛନ୍ତି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି। ଯାହାର ଉଚ୍ଚତା ୨.୫ସେଣ୍ଟି ମିଟର ଓ ଓସାର ୨.୩ସେମି ରହିଛି। ଏହା ସହ ଭାରତ ସରକାରଙ୍କୁ ନିଜ କଳା ମାଧ୍ୟମରେ ବିଜୁ ବାବୁଙ୍କୁ ଭାରତ ରତ୍ନ ଦେବା ଲାଗି ସେ ଦାବି କରିଛନ୍ତି। ସତ୍ୟଙ୍କ ଏହି କଳାକୃତି ବିଭିନ୍ନ ମହଲରେ ପ୍ରଶଂସା ସାଉଟିଁଛି।

## 'ହିଟ୍ ଆଣ୍ଡ ରନ୍' ଘଟଣାରେ ଗଲା ନିରୀହ ଜୀବନ

### ଦୁଇଟି ଗାଡ଼ି ଚଢ଼ିଗଲା ରୋଷେୟାଙ୍କ ଉପରେ
### ସହାୟତାର ହାତ ବଢ଼ାଇଲେ କର୍ପୋରେଟର ସମୀର ମିଶ୍ର

**ବ୍ରହ୍ମପୁର, ୫।୩(ସମିସ):** ମଙ୍ଗଳବାର ଭୋର ସମୟରେ ବ୍ରହ୍ମପୁର ସହର ଦେଇ ଯାଇଥିବା ୫୯ନମ୍ବର ଜାତୀୟ ରାଜପଥର ସେଲ୍ସଟେକ୍ସ କଲୋନି ସମ୍ମୁଖରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଜଣେ ରୋଷେୟା ଉଦୟ ରଣା (୫୫)ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଉଦୟ ରଣା ବ୍ରହ୍ମପୁର ସହରରେ ବିଭିନ୍ନ ଘରୋଇ ହଷ୍ଟେଲରେ ରୋଷେୟା ଭାବେ କାର୍ଯ୍ୟ କରି ପରିବାର ଗୁଜରଣ କରୁଥିଲେ। ମଙ୍ଗଳବାର ଭୋର ପ୍ରାୟ ୪ଟା ସମୟରେ ସେ ନିଜ ଏକ୍ସେଲ ମୋପେଡ ଜରିଆରେ ରନ୍ଧା ସାମଗ୍ରୀ ଧରି ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପଛପଟୁ ପ୍ରଥମେ ଏକ କାର ଓ ପରେ ଏକ ହାଇୱା ଉଦୟଙ୍କ ଉପରେ ଚଢି ଯାଇଥିବା ସ୍ଥାନୀୟ କିଛି





ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ଉଦୟଙ୍କୁ ପ୍ରଥମେ ଏକ କାର ଧକ୍କା ଦେବା ଫଳରେ ସେ ନିଜ ଗାଡିରୁ ତଳେ ପଡ଼ିଯାଇଥିଲେ ଓ ସେ ଗୁରୁତର ଭାବେ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ପରେ ପରେ ପଛରୁ ଆସୁଥିବା ଅନ୍ୟ ଏକ ହାଇୱା ଗୁରୁତର ଉଦୟଙ୍କ ଉପରେ ଚଢିଯିବା ଫଳରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ତେବେ ଘଟଣା ପରେ ଉଭୟ ଗାଡି ଘଟଣା ସ୍ଥଳରୁ ଆଖି ପିଛୁଳାକେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରାତଃଭ୍ରମଣ କରୁଥିବା କିଛି ସହୃଦୟ ବ୍ୟକ୍ତି ଆମ୍ବୁଲାନ୍ସ ଡାକି ଉଦୟଙ୍କୁ ଏମକେସିଜି ମେଡିକାଲକୁ ନେଇଥିଲେ। ତେବେ ମେଡିକାଲକୁ ନେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ଓ ପିସିଆର ଭ୍ୟାନ ପହଁଞ୍ଚିଥିଲା। ଟ୍ରାଫିକ ଥାନାରେ ମୃତ ଉଦୟଙ୍କ ପୁଅ ଉତ୍ତମ ରଣା ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଜଣା ଗାଡି ଧକ୍କାରେ ରୋଷେୟା ଉଦୟ ରଣାଙ୍କର ମୃତ୍ୟୁ ଘଟିଥିବା ବେଳେ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣାସ୍ଥଳ ଆଖପାଖରେ ଥିବା ସିସିଟିଭିର ଫୁଟେଜକୁ ସଂଗ୍ରହ କରିବା ସହ ଦୁର୍ଘଟଣା ଭିଆଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଉଭୟ ଗାଡିକୁ ପୁଲିସ ଖୋଜୁଛି। ଗରିବ ରୋଷେୟା ଉଦୟ ରଣାଙ୍କ ଅନ୍ତେଷ୍ଟି ପାଇଁ ପରିବାର ବର୍ଗଙ୍କ ନିକଟରେ ଅର୍ଥର ଅଭାବ ଥିବାବେଳେ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ର ତୁରନ୍ତ ମେଡିକାଲରେ ପହଁଞ୍ଚି ପୁରୀରେ ଅନ୍ତେଷ୍ଟି ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅଜଣା ଗାଡି ଧକ୍କାରେ ମୃତ୍ୟୁ ବରଣ କରିଥିବା ଉଦୟ ରଣାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି।

# ମାର୍ଚ୍ଚ ୩୦ରେ ଗଞ୍ଜାମ ଓକିଲ ସଂଘ ନିର୍ବାଚନ






### ସଭାପତି, ସମ୍ପାଦକ ସମେତ ମୋଟ ୧୧ଟି ପଦବୀ ପାଇଁ ହେବ ନିର୍ବାଚନ
### ପ୍ରଥମ ଥର ପାଇଁ ନିର୍ବାଚିତ ହେବେ କାର୍ଯ୍ୟକାରୀ କମିଟି ସଦସ୍ୟ
### ଚଳିତବର୍ଷ ତାଲିକାରେ ୧୫୮୩ଜଣ ଭୋଟର

**ବ୍ରହ୍ମପୁର, ୫।୩(ସମିସ)**

'ୱାନ୍ ବାର ୱାନ୍ ଭୋଟ' ନିୟମ ଆଧାରରେ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ବିଭିନ୍ନ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବିଧିବଦ୍ଧ ଭାବେ ନିତିନିୟମ ସହିତ ଭୋଟର ତାଲିକା ଘୋଷଣା କରାଯାଇଛି। ଏହି କ୍ରମରେ ଚଳିତ ମାସ ୩୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା କହିଛନ୍ତି ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଅନୀଲ କୁମାର ପଣ୍ଡା। ପୂର୍ବରୁ ସଂଘର ସଭାପତି, ସମ୍ପାଦକ, ଉପ ସଭାପତି ଓ ଯୁଗ୍ମ ସମ୍ପାଦକ ଭଳି ୪ଟି ପଦବୀ ପାଇଁ ସିଧାସଳଖ ଗୁପ୍ତ ମତଦାନ ବ୍ୟବସ୍ଥାରେ କର୍ମକର୍ତ୍ତା ନିର୍ବାଚିତ ହେଉଥିଲେ। ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ପରେ କାର୍ଯ୍ୟକାରିଣୀ ସଦସ୍ୟ ମନୋନିତ ହେଉଥିଲେ। ତେବେ ଚଳିତ ବର୍ଷ ନିର୍ବାଚନରେ ଏଥିରେ ବ୍ୟତିକ୍ରମ ଘଟିଛି। ସଂଘର ମୋଟ ୭ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନିତ ନହୋଇ ବରଂ ସିଧାସଳଖ ଭୋଟରଙ୍କ ଗୁପ୍ତ ମତଦାନ ଜରିଆରେ ନିର୍ବାଚିତ ହେବେ। ସେହିଭଳି ମୋଟ ୭ଜଣ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ମଧ୍ୟରୁ ଗୋଟିଏ ପଦବୀ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷିତ ଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଅଧିକାରୀ ଅନୀଲ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଆସନ୍ତା ୩୦ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ସହ ଦିନ ଧାର୍ଯ୍ୟ ହୋଇସାରିଛି। ପ୍ରକାଶିତ କାର୍ଯ୍ୟସୂଚୀ ପ୍ରକାରେ ଆସନ୍ତା ୧୧ ଓ ୧୨ତାରିଖ ଦୁଇ ଦିନ ପୂର୍ବାହ୍ନ ୧୧ଟା ୩୦ମିନିଟ ଠାରୁ ଅପରାହ୍ନ ୨ଟା ୩୦ମିନିଟ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ। ୧୩ତାରିଖ ମଧ୍ୟାହ୍ନ ୧୨ଟା ୩୦ମିନିଟରେ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବ। ୧୪ତାରିଖରେ ନାମାଙ୍କନ ପତ୍ରର ଯାଞ୍ଚ। ୧୫ତାରିଖରେ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ। ୧୬ତାରିଖରେ ଦିନ ୧୧ଟା ୩୦ମିନିଟ ଠାରୁ ୨ଟା ୩୦ମିନିଟ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ୧୮ତାରିଖ ମଧ୍ୟାହ୍ନ ୧୨ଟା ୩୦ମିନିଟରେ ଚୂଡାନ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ। ଏବଂ ୩୦ତାରିଖ ଦିନ ପୂର୍ବାହ୍ନ ୯ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ସେହିଦିନ ମତଦାନ ଶେଷ ହେବାର ଏକ ଘଣ୍ଟା ପରେ ଅର୍ଥାତ୍ ୪ଟା ଠାରୁ ଭୋଟ ଗ୍ରହଣ ଓ ଗଣତି ପରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

ସଂଘର ସଭାପତି ପଦ ପାଇଁ ଜଣେ ପ୍ରାର୍ଥୀଙ୍କୁ ଗଞ୍ଜାମ ଓକିଲ ସଂଘରେ ଅନ୍ୟୁନ ୩୦ବର୍ଷର ପେଷାଗତ ଅଭିଜ୍ଞତା ଥିବା ଆବଶ୍ୟକ। ସେହିଭଳି ଉପ ସଭାପତି ପଦବୀ ପାଇଁ ୨୫ବର୍ଷ, ସମ୍ପାଦକ ପଦବୀ ପାଇଁ ୧୫ବର୍ଷ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ୧୦ବର୍ଷ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ପଦବୀରେ ପ୍ରାର୍ଥୀ ହେବା ପାଇଁ ଅନ୍ୟୁନ ୫ବର୍ଷର ଅଭିଜ୍ଞତା ରହିବା ଜରୁରୀ। ସେହିଭଳି ବିଭିନ୍ନ ପଦବୀ ପାଇଁ ମଧ୍ୟ ଅମାନତ ରାଶି ଧାର୍ଯ୍ୟ କରାଯାଇଛି। ସଭାପତି ପଦବୀ ପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କ ଠାରୁ ୬ହଜାର, ଉପ ସଭାପତି ପ୍ରାର୍ଥୀଙ୍କ ଠାରୁ ୫ହଜାର, ସମ୍ପାଦକ ପ୍ରାର୍ଥୀଙ୍କ ଠାରୁ ୪ହଜାର, ଯୁଗ୍ମ ସମ୍ପାଦକ ପ୍ରାର୍ଥୀଙ୍କ ଠାରୁ ୩ହଜାର ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରାର୍ଥୀଙ୍କ ଠାରୁ ୨ହଜାର ଟଙ୍କାର ଅମାନତ ରାଶି ସଂଗ୍ରହ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ନିର୍ବାଚନରେ ମୋଟ ୧୫୮୩ଜଣ ଆଇନଜୀବୀ ତାଲିକା ଭୁକ୍ତ ହୋଇଥିବା ବେଳେ ଏହି ତାଲିକା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ହୋଇଛି। ଚଳିତ ନିର୍ବାଚନରେ ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନରେ ପ୍ରାର୍ଥୀମାନେ କୌଣସି ପ୍ରକାରର ବ୍ୟାନର ବା ପୋଷ୍ଟର ବ୍ୟବହାର କରିବା ଉପରେ କଟକଣା ଜାରି କରିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦ। ଫଳରେ ପ୍ରାର୍ଥୀମାନେ କେବଳ ପୁସିଂ କାର୍ଡ ଜରିଆରେ ନିଜ ସପକ୍ଷରେ ସମର୍ଥନ ଜୁଟାଇ ପାରିବେ। ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଏକ ୩୦ଜଣିଆ କମିଟି ଗଠନ କରାଯିବ ଯେଉଁମାନେ ନିର୍ବାଚନ ପରିଚାଳନାରେ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ଅଧିକାରୀ ଅନୀଲ କୁମାର ପଣ୍ଡାଙ୍କ ସମେତ ଅରୁଣ କୁମାର ବିଶ୍ୱାଳ, ଅଜିତ କୁମାର ବେହେରା, ସନ୍ତୋଷ କୁମାର ପଣ୍ଡା, ବ୍ରଜମୋହନ ବିଶୋୟୀ, ଜଗନ୍ନାଥ ମିଶ୍ର, ସମ୍ବିତ ପଟ୍ଟନାୟକ ଓ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ହୋଇଛି।

# ପାର୍ଟ ଟାଇମ୍ ଜବ୍ ନାଁରେ ୯ ଲକ୍ଷ ଠକେଇ

**ବ୍ରହ୍ମପୁର, ୫।୩(ସମିସ)**

ଅନଲାଇନରେ ଚାକିରି କରିବା ଲୋଭରେ ପଡ଼ି ସ୍ଥାନୀୟ କୁଠାରୀ ସାହିର ଜଣେ ଯୁବକ ୯ଲକ୍ଷ ଟଙ୍କା ହରାଇଛନ୍ତି। ସାଇବର ଠକମାନେ ତାଙ୍କୁ ବିଭିନ୍ନ ଅନଲାଇନ ଟ୍ରେଡିଂ ଶିକ୍ଷା ଦେବାକୁ କହି ଏହି ଟଙ୍କା ଠକି ନେଇଥିବା ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ କୁଠାରୀ ସାହି ୩ୟ ଲାଇନ ନିବାସୀ ଶିବାଶିଷ ସାହୁଙ୍କ ୱାଟସଆପକୁ ୪ଦିନ ପୂର୍ବେ ଏକ ମେସେଜ ଆସିଥିଲା। ରାଧିକା ନାମରେ ଜଣେ ମହିଳା ବ୍ଲାକଷ୍ଟୋନ ପ୍ରାଇଭଟେ ଲିମିଟେଡ କମ୍ପାନୀର ନିଯୁକ୍ତିଦାତା ବୋଲି ନିଜକୁ ପରିଚୟ ଦେଇ ଏହି ମେସେଜ ପଠାଇବା ସହ ପାର୍ଟ ଟାଇମ ଚାକିରିର ଅଫର ଦେଇଥିଲା। ଘରେ ବସି ଅନଲାଇନରେ ପାର୍ଟ ଟାଇମ ଚାକିରି କରିବା ଲୋଭରେ ଶିବାଶିଷ ରାଧିକାଙ୍କ ଅଫରକୁ ଗ୍ରହଣ କରିଥିଲେ। ରାଧିକାଙ୍କ କହିବା ପ୍ରକାରେ ଶିବାଶିଷ ଏକ ଟେଲିଗ୍ରାମ ଚ୍ୟାନଲରେ ଯୋଡି ହୋଇଥିଲେ। ସେହି ଚ୍ୟାନେଲରେ ଥିବା ଜଣେ ଟିଚର୍ ଶିବାଶିଷଙ୍କୁ ଅନଲାଇନ ଟ୍ରେଡିଂ କରି ମୋଟା ଅଙ୍କର ଲାଭ ଉଠାଇବାକୁ କହିଥିଲେ। ଏହାପରେ ଶିବାଶିଷ ପ୍ରଥମେ ୭୦୦୦ ଟଙ୍କା ଜମା କରିଥିଲେ। ପରେ ୨୮୦୯୦ ଟଙ୍କା ତା' ପରେ ୧୮୭୫୦ ଓ ୨୮୫୬୧ ଟଙ୍କାକୁ ମିଶାଇ ମୋଟ ୨ଲକ୍ଷ ୫୨ହଜାର୪୦୧ ଟଙ୍କା ଜମା କରି ଦେଇଥିଲେ। ଏହି ସମୟରେ ଶିବାଶିଷ ନିଜ ଟଙ୍କା ପାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସାଇବର ଠକମାନେ ତାଙ୍କ ଟଙ୍କା ବ୍ଲକ କରି ଦେଇଥିଲେ।

ଅଧିକ ଟଙ୍କା ଜମା କରିବା ପରେ ମୂଳ ଟଙ୍କା ଫେରି ପାଇବେ ବୋଲି ସାଇବର ଠକମାନେ କହିଥିଲେ। ଏହା ପରେ ପରେ ସାଇବର ଠକଙ୍କ କଥାରେ ପଡ଼ି ଶିବାଶିଷ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା କରିବାରେ ଲାଗିଥିଲେ। ମୋଟ ୯ଲକ୍ଷ ୮ହଜାର ୪୦୧ଟଙ୍କା ଜମା କରି ସାରିବା ପରେ ମଧ୍ୟ ତାଙ୍କୁ ମୂଳ ଟଙ୍କା କିମ୍ବା କମିଶନ ମିଳିନଥିଲା। ଆଉ ଅଧିକ ଟଙ୍କା ଜମା କରିବାକୁ ତାଙ୍କୁ ସାଇବର ଠକମାନେ କହିଥିଲେ। ଏହା ଦେଖି ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଗତ ୪ତାରିଖରେ ଘଟଣାକୁ ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି।

## ବାଲିଗୁଡାରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

# ବିଜେଡିରେ ସାମିଲ ହେଲେ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ





ବାଲିଗୁଡା, ୫ ।୩(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ସଭାଗୃହରେ ବିଜୁ ବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଜେଡିର ଏକ ବିରାଟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସଙ୍କ ନେତୃତ୍ୱରେ ହୋଇଥିବା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ କନ୍ଧମାଳ ସାଂସଦ ଡ଼.ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କୋଟଗଡ଼, ତୁମୁଡିବନ୍ଧ, ବାଲିଗୁଡା ଓ କ.ନୂଆଗାଁ ବ୍ଲକର ଦୁଇ ହଜାରରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବାଲିଗୁଡା ବ୍ଲକର ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ସଦସ୍ୟ କିଆ ସିଂ ମଳିକ, ବିଜେପି ଯୁବନେତା ଭଗବତୀ ପ୍ରସାଦ ସାବତ, କଂଗ୍ରେସ ଯୁବନେତା ଅସିତ କୁମାର ବେହେରା, ବିଜେପି ନେତା ରାମ କୁମାର ପାଣିଗ୍ରାହୀ ସମେତ ବାଲିଗୁଡା ଏନଏସିର ବିଭିନ୍ନ ୱାର୍ଡର ବହୁ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ବାଲିଗୁଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁ, କୋଟଗଡ଼ ବ୍ଲକ ସାଂସଦ ପ୍ରତିନିଧି ମନୋଜ ସାବତ, ବିଜେଡି ସଭାପତି ଷ୍ଟିଫେନ ପ୍ରଧାନ, କ.ନୂଆଗାଁ ବ୍ଲକ ସଭାପତି ଭାଗ୍ୟବାନ ବେହେରା, କ.ନୂଆଗାଁ ବ୍ଲକ ସାଂସଦ ପ୍ରତିନିଧି ସହଦେବ ପାତ୍ର, ବାଲିଗୁଡା ନଗର ବିଜେଡି ସଭାପତି ଅବନୀକାନ୍ତ ନାୟକ, ବାଲିଗୁଡା ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ ସମେତ ଦଳୀୟ ପଦାଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଓ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କଂଗ୍ରେସ ଓ ବିଜେପି କର୍ମୀ ଦଳ ଛାଡି ବିଜେଡି ରେ ସାମିଲ ହୋଇଛନ୍ତି। ବିଜୁ ବାବୁଙ୍କ ଜୟନ୍ତୀ ପାଳନ ଅବସରରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀରେ ବାଲିଗୁଡା ନିର୍ବାଚନମଣ୍ଡଳୀରୁ ପନ୍ଦର ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇ ଥିଲେ।

## ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ



**ପାରଳାଖେମୁଣ୍ଡି, ୫ ।୩ (ସମିସ):** ମହାନ୍ ଜନନାୟକ, ରାଷ୍ଟ୍ରବାଦୀ ନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଦିବସ ପାରଳାଖେମୁଣ୍ଡିରେ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ହାଇସ୍କୁଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ସହ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଷ୍ଟ୍ର ଗଠନ ଠାରୁ ଆରମ୍ଭ କରି ସମାଜସେବା, ରାଜନୈତିକ ଜୀବନୀ ଆଦିକୁ ନେଇ ସ୍ମୃତିଚାରଣ କରାଯାଇଥିଲା। ଏହା ସହ 'ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା' ଗଠନ ଓ ସମର୍ପିତ ସେବା ନିମନ୍ତେ ସଂକଳ୍ପ ନେଇଥିଲେ ନେତା ଓ କର୍ମୀ। ଏହି କାର୍ଯ୍ୟକ୍ରମରେ ବିଜୁଜନତା ଦଳର ବରିଷ୍ଠ ନେତା ଓ ବିଜୁ ଜନତାଦଳର ଯୁବ ପ୍ରେମୀ ଦ୍ୱାରା ସାଇକଲ୍ ରାଲିର ଆୟୋଜନ ହୋଇଥିଲା। ତାପରେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବଜାର ଛକରେ ଥିବା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।

## ଜି.ଉଦୟଗିରିରେ ବିଜୁବାବୁଙ୍କ ଜୟନ୍ତୀ

**ଜି.ଉଦୟଗିରି, ୫ ।୩(ସମିସ):** ପ୍ରବାଦ ପୁରୁଷ, ଆଜନ୍ମ ସାହସୀ, ଦୂରଦୃଷ୍ଟି ସମ୍ପନ୍ନ, ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀରେ ସାରା ରାଜ୍ୟ ଭକ୍ତିପୂତ ପ୍ରଣାମ ଜଣାଇଛି। ଏହିକ୍ରମରେ ଜି.ଉଦୟଗିରି ଶ୍ରୀରାମପଦା ମିନି ଷ୍ଟାଡିୟମରେ ବିଜୁ ଜନତା ଦଳ ତରଫରୁ ନଗର ସଭାପତି ପି. ସଞ୍ଜୀବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରି ବ୍ଲକ ଟିକାବାଲି, ରାଇକିଆ, ଦାରିଙ୍ଗବାଡି ଓ ଜି.ଉଦୟଗିରି ଏବଂ ଏନଏସିର ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ। ଏଥିରେ କନ୍ଧମାଳ ସାଂସଦ ଡ଼. ଅଚ୍ୟୁତ ସାମନ୍ତ,




ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳବେହେରା, ଦାରିଙ୍ଗବାଡିର ଦୀପକ କୁମାର ପ୍ରଧାନ, ଟିକାବାଲିର ତନୁଜ କୁମାର ଭୋଇ, ପ୍ରଦୀପ କୁମାର ପ୍ରଧାନ, ଜୟାନନ୍ଦ ନାୟକ, ରାଜମୋହନ ଦିଗାଲ, ମିଥୁନ ଦିଗାଲ, ବ୍ରହ୍ମାନନ୍ଦ ସାହୁ, ଅବିନାଶ ନାୟକ, ଛୋଟନ ନାୟକଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଯୋଗ ଦେଇଥିଲେ। ସାଂସଦ ଡ଼.ସାମନ୍ତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ 'ଭାରତ ରତ୍ନ' ପ୍ରଦାନ ଦାବି ଉପସ୍ଥାପନ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ସକାଳେ ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବକ ଏବଂ ଯୁବତୀଙ୍କୁ ନେଇ ପଦାସାହି ଠାରୁ ଚକରା ବିଷୋୟୀ ଛକ ପର୍ଯ୍ୟନ୍ତ ଏକ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା। ଏହାକୁ ନଗର ସଭାପତି ଶ୍ରୀ ପାତ୍ର, ବିଧାୟକଙ୍କ ପ୍ରତିନିଧି ଶ୍ରୀ ଦଳବେହେରା, ଏନଏସି ଅଧ୍ୟକ୍ଷା ସୁଶ୍ରୀ ଶତପଥୀ, ଉପାଧ୍ୟକ୍ଷ ଶ୍ରୀ ବାଘ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## 'ନୂଆ-ଓ' ଛାତ୍ର ବୃତ୍ତି ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ




**ଜି.ଉଦୟଗିରି, ୫ ।୩(ସମିସ):** ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ-ଓ ଛାତ୍ର ବୃତ୍ତି ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଏବଂ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ସାହୁ ଯୋଗ ଦେଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଛାତ୍ର ବୃତ୍ତିର ସୁବିନିଯୋଗ କରି ଉତ୍ତମ ମଣିଷଟିଏ ହେବା ସହିତ ସମାଜର ବିକାଶରେ ସହଭାଗୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ସରକାରଙ୍କ ଏହି ଛାତ୍ର ବୃତ୍ତି ଯୋଜନାରେ କଳିଙ୍ଗ ମହାବିଦ୍ୟାଳୟର ୮୮୫ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି।

## ଗଜପତି ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ଦିବସ

**ପାରଳାଖେମୁଣ୍ଡି, ୫ ।୩(ସମିସ):** ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ଦିବସ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଶିଳ୍ପକେନ୍ଦ୍ର ସଂସ୍ଥା ସମ୍ମିଳନୀ କକ୍ଷରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବଳରାମ ସୁବୁଦ୍ଧି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୁନାରାମ ସିଂ ଯୋଗ ଦେଇଥିଲେ। ଏହି ଅବସରରେ ଗଜପତି ଜିଲ୍ଲାର ପ୍ରତ୍ୟେକ ସ୍ଥାନରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଅଂଶଗ୍ରହଣ କରି ଉତ୍ପାଦିତ ଦ୍ରବ୍ୟ ଏବଂ ସେମାନଙ୍କ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ଉପସ୍ଥିତଙ୍କୁ କୁହାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଜନ କାରି କାର୍ଯ୍ୟକ୍ରମ ଯୋଜନା ଓ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ଉଦ୍ୟୋଗ ପ୍ରକ୍ରିୟାକରଣ ବୈଧିକରଣ ଯୋଜନା, ଋଣ ପ୍ରଦାନ ସମ୍ବନ୍ଧ ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ଶିକ୍ଷିତ




ବେକାର ଯୁବକ, ଯୁବତୀଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏଥିରେ ଅଂଶୀଦାରୀ ହେବା ନିମନ୍ତେ ସରକାରଙ୍କ ଦ୍ୱାରା ପରିଚାଳିତ ନୀତି ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲାର କୁଶଳୀ କାରିଗର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ବୃହତ୍ ଶିଳ୍ପର ପ୍ରତିନିଧିଙ୍କୁ କର୍ମଶାଳା ମାଧ୍ୟମରେ ପ୍ରୋତ୍ସାହନ ଦିଆଯିବ। ଆଜିର ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଗଜପତି ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ବୋରୀ

**ପାରଳାଖେମୁଣ୍ଡି, ୫ ।୩(ସମିସ):** ଗଜପତି ଜିଲ୍ଲା ସ୍କାଉଟ ଓ ଗାଇଡ ପକ୍ଷରୁ ସପ୍ତମ ଗଜପତି ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ କ୍ୟାମ୍ବୋରୀ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରାୟଗଡ଼ ବ୍ଲକ ସ୍ଥିତ ମହେନ୍ଦ୍ରତନୟା ଆଶ୍ରମ ଉଚ୍ଚ ବିଦ୍ୟାଳୟ (ଗ୍ରାମବିକାଶ) କଇଁପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଗଜପତି ଜିଲ୍ଲା ଗ୍ରାମବିକାଶ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଜିଓ ମିଡିଆଥ୍, ସମ୍ମାନିତ ଅଥି ଭାବେ ଜିଲ୍ଲା ସ୍କାଉଟ କମିଶନର ପ୍ରଫୁଲ କୁମାର ମହାନ୍ତି, ଓ ଜିଲ୍ଲା ଗାଇଡ କମିଶନର ମଣିମାଳା ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ଶବର ଏବଂ ସମିତି ସଭ୍ୟା ମାଧୁରୀ ଶବର ଓ ବିଦ୍ୟାଳୟ ପରିଚାଳନା ସମ୍ପାଦକ ନବଘନ ଗୌଡ, ରାୟଗଡ଼ ସହକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ବେହେରା, ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କେ.ସୀତାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଜିଲ୍ଲାର ଏହି କ୍ୟାମ୍ବୋରୀକୁ ଗଜପତି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଶାରୀରିକ ଶିକ୍ଷା ନିରୀକ୍ଷକ ସୁରେନ୍ଦ୍ର ପାତ୍ର ପରିଚାଳନା କରିଥିଲା ବେଳେ ଆଶ୍ରମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ସମସ୍ତ ୭ ବ୍ଲକରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ସ୍କାଉଟ ଏବଂ ଗାଇଡ୍ ଅଂଶ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା ଯଥା ଫୁଡ୍ ଭିଲା, ସ୍କିଲୋ ରାମା, ଚିତ୍ରାଙ୍କନ, କୁଇଜ୍, ମାର୍ଚ୍ଚ ଫାଷ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କୃତି ପ୍ରତିଯୋଗୀ ତଥା ସ୍କାଉଟ ଓ ଗାଇଡଙ୍କୁ ସମାପନ ଦିବସରେ ରାଜ୍ୟ ମୁଖ୍ୟ ସ୍କାଉଟ ଓ ଗାଇଡସର କମିଶନର କାଳୀ ପ୍ରସାଦ ମିଶ୍ର ପୁରସ୍କାର ପ୍ରଦାନ କରିବେ।

## ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ

# ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପଞ୍ଚାୟତ ଗଠନ ପାଇଁ ଆହ୍ୱାନ

**ପାରଳାଖେମୁଣ୍ଡି, ୫ ।୩(ସମିସ):** ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୁନ୍ତଳା ମଲ୍ଲିକ, ଗୋଷାଣି ଜୋନ୍ ନଂ-୬ ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲା ରାଜୁ, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ଶବର, ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ମଞ୍ଚାସୀନ ରହି ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ଟନାୟକଙ୍କ ଜୀବନୀ ଓ ରାଜ୍ୟ ସରକାରଙ୍କର ଉନ୍ନତ ମୂଳକ କାର୍ଯ୍ୟ, ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଭାବରେ କହିଥିଲେ। ସମସ୍ତେ ମିଳିତ ଭାବେ କାର୍ଯ୍ୟ କରି ଏକ ଶିଶୁ ଅନୁକୂଳ, ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ପଞ୍ଚାୟତ ଗଠନ କରିବା ନିମନ୍ତେ ସମସ୍ତ ଜନସାଧାରଣ ଏକାଠି ହୋଇ କାମ କରାଇବାକୁ ଅତିଥି କହିଥିଲେ। ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଲୋକପ୍ରିୟ ଜନନାୟକ, ଗରିବ ଓ ଅବହେଳିତଙ୍କ ଆଶା ଓ ଭରସା, ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ସହ ପ୍ରେରଣା ପ୍ରଦାନ କରିବାରେ ବିଜୁ ପଟ୍ଟନାୟକଙ୍କର ଅଦ୍ଭୁତ କ୍ଷମତା ରହିଥିଲା ବୋଲି ଏହି ଅବସରରେ କୁହାଯାଇଥିଲା ଜିଲ୍ଲାରେ ଭଲ ପ୍ରଦର୍ଶନ କରିଥିବା ଗ୍ରାମ ପଞ୍ଚାୟତକୁ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ପୁରସ୍କାର ରା.ଉଦୟଗିରି ବ୍ଲକର ରା.ଉଦୟଗିରି ପଞ୍ଚାୟତକୁ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି, ଦ୍ୱିତୀୟ ସ୍ଥାନରେ ରା.ଉଦୟଗିରି ବ୍ଲକର ରଣ୍ଡିବା ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ତୃତୀୟ ସ୍ଥାନରେ ମୋହନା ବ୍ଲକର ମୋହନା ପଞ୍ଚାୟତକୁ ୧ ଲକ୍ଷ୍ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପୃଷ୍ଟି ପଞ୍ଚାୟତ ପୁରସ୍କାରରେ ଗୋଷାଣି ବ୍ଲକର ଲାବନ୍ୟଗଡ଼ ପଞ୍ଚାୟତ କୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯାଇଛି। ଜିଲ୍ଲାର ପାଞ୍ଚ ଅଙ୍ଗନବାଡ଼ି କେନ୍ଦ୍ରକୁ ପୁରସ୍କୃତ କରଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଞ୍ଜୁମଣୀ ନାୟକ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ ଓ ଜନପ୍ରତିନିଧି ସମେତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଗୁମ୍ମା:** ରାଜ୍ୟବ୍ୟାପୀ ପଞ୍ଚାୟତର ବିକାଶ ଏବଂ ରୂପାନ୍ତରଣ ଆରମ୍ଭ ହୋଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ଯୋଗୁଁ ନୂଆ ଓଡ଼ିଶା ଗଠନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ତେଣୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜନ୍ମ ଦିବସକୁ ପଞ୍ଚାୟତିରାଜ ଦିବସ ଭାବେ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି। ଏନେଇ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦଭାବନା ସଭାଗୃହରେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଯସ୍ମୀନ କୁମାର ପ୍ରଧାନ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ ଓ ଜିପିଓ ସୁରି ନାରାୟଣ ଯୋଗ ଦେଇଥିଲେ। ଗାଁକୁ ସଶକ୍ତ ଭାବେ ଗଢ଼ିପାରିଲେ ହିଁ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ ସମ୍ଭବ ହୋଇପାରିବ ଯାହାକୁ ମର୍ମେ ମର୍ମେ ଅନୁଭବ କରିପାରିଥିଲେ ପ୍ରବାଦ ପୁରୁଷ ବିଜୁବାବୁ। ଗ୍ରାମାଞ୍ଚଳ ଏବଂ ପଞ୍ଚାୟତର




ସଶକ୍ତିକରଣ ପାଇଁ ନିଜ ମୁଖ୍ୟମନ୍ତ୍ରିତ୍ୱ ସମୟରେ ବିଜୁ ବାବୁ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତର ବିକାଶକୁ ଏକ ନୂଆ ଉଚ୍ଚତାରେ ପହଞ୍ଚାଇଛନ୍ତି ବୋଲି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ଅତିଥି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ/ସମିତି ସଭ୍ୟ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୁମ୍ମା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି।

**କାଶୀନଗର:** ଗଜପତି ଜିଲ୍ଲା କାଶୀନଗରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଥିଲା। ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ପଞ୍ଚାୟତ ଅଧିକାରୀ ଲକ୍ଷ୍ମୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ପ୍ରବାଦ ପୁରୁଷ ତଥା ବିରପୁତ୍ର ଭାବେ ପରିଚିତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ୧୦୮ ତମ ଜନ୍ମଦିନ ଅବସରରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ, ପୁଷ୍ପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ତାଙ୍କର ନିଜ ଓଡ଼ିଶା



ମାଟି ପ୍ରତି କରିଥିବା ମହାନ୍ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ୍ ତାଙ୍କ ପୁତ୍ର ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ହୋଇଥିବା ବିକାଶ ବିଷୟରେ ଉପସ୍ଥିତ ଅତିଥି ନିଜ ନିଜ ବକ୍ତବ୍ୟରେ କହିଥିଲେ। ପ୍ରତ୍ୟେକ ଗାଁରେ ହୋଇଥିବା ବିକାଶ, ଛାତ୍ରଛାତ୍ରୀ ଯୁବପିଢିଙ୍କ ଭବିଷ୍ୟତ ପାଇଁ ବିଭିନ୍ନ ଯୋଜନା ଆକାରରେ ସହାୟତା ଓ ରାଜ୍ୟର ସମସ୍ତ ଜନସାଧାରଣଙ୍କ ପାଇଁ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଶୀନଗର ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକାନ ଦେଇ ସମ୍ବର୍ଦ୍ଧନ କରାଯାଇଥିଲା। ସେହିପରି ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

**ବାଲିଗୁଡା:** ପ୍ରବାଦ ପୁରୁଷ ବିଜୁବାବୁଙ୍କର ୧୦୮ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ



ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତ୍ରୀବେଦୀ ପାର୍କ ନିକଟସ୍ଥ ବିଜୁ ଫୁଡ୍ କୋର୍ଟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସେଠାରୁ ଗଣଦୌଡ଼ ଆରମ୍ଭ ହୋଇ ସଭାଗୃହ ନିକଟରେ ସମାପ୍ତ ହୋଇଥିଲା। ଏହାପରେ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ, ଉପଖଣ୍ଡ କାରାଗାରର ବନ୍ଦୀ ଏବଂ ଜରା ନିବାସରେ ଥିବା ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବିଧାୟକ ଚକ୍ରମଣୀ କହଁର, ଏନ୍ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ତୁମୁଡ଼ିବନ୍ଧ ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ଏନ୍ଏସି ଉପାଧ୍ୟକ୍ଷା ଶାନ୍ତିଲତା ନାୟକଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ଗଦାଧର ପାତ୍ରଙ୍କ ସଭାପତିତ୍ୱରେ ବିଜୁବାବୁଙ୍କ ଜନ୍ମ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳନ କରାଯାଇଥିଲା। ପ୍ରଥମେ ଅତିଥି




ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମୁଖ୍ୟ କିରାଣୀ ଧନମାଳି ପ୍ରଧାନ, ସହକାରୀ ଯନ୍ତ୍ରୀ ଶିଶିର ପାତ୍ର, କୋଷାଧ୍ୟକ୍ଷ ବିଭୁତି ଭୂଷଣ ସାହୁ, ଜିପିଓ ସୁରେଶ ପଣ୍ଡା, ଏପିଓ କେଦାର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ବିଜୁବାବୁଙ୍କ ରାଜନୈତିକ ଜୀବନରେ କରିଥିବା କିଛି ଉଲ୍ଲେଖନୀୟ ଘଟଣାବଳୀକୁ ଉପସ୍ଥାପନ କରି ବିଜୁ ବାବୁ କେବଳ ଓଡ଼ିଶାର ନୁହେଁ, ସେ ଜଣେ ବିଶ୍ୱସ୍ତରୀୟ ନେତା ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ସିଆଙ୍ଗବାଲି ସରପଞ୍ଚ ଆନ୍ଦ୍ରିୟ ପ୍ରଧାନଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫୁଲବାଣୀରେ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବ



**ଫୁଲବାଣୀ,୫ ।୩(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଫୁଲବାଣୀ କରୋନେସନ ପଡ଼ିଆରେ ପାଳିତ ହୋଇଯାଇଛି । ସକାଳ ୮ଟାରେ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏ ଅବସରରେ ବିଜୁ ଜନତା ଦଳର ଯୁବ ଓ ଛାତ୍ରଙ୍କ ଦ୍ୱାରା ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହା ସହିତ ଏକ ରକ୍ତଦାନ ଶିବିରର ଆୟୋଜନ ମଧ କରାଯାଇଥିଲା । ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ଡ଼.ଅଚ୍ୟୁତ ସାମନ୍ତ ଯୋଗଦେଇ ଓଡ଼ିଶା ପ୍ରତି ବିଜୁବାବୁଙ୍କର ଅବଦାନ ଏବଂ ଗାଁକୁ କାମ, ମା'ଙ୍କୁ ସମ୍ମାନ ସ୍ଲୋଗାନ ଆଜି ମହିଳା ସଶକ୍ତିକରଣକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଥିଲେ । ବିଜୁ ବାବୁଙ୍କ ଅଧୁରା କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରି ଦେଖାଇଛନ୍ତି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ କହିଥିଲେ । ମିଶନଶକ୍ତି ଜରିଆରେ ମହିଳା ସଶକ୍ତିକରଣ ଯୋଗୁଁ ଓଡ଼ିଶା ଆଜି ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ ହୋଇଛି ବୋଲି ସେ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ଜିଲ୍ଲା ସଭାପତି ତଥା ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଜିଲ୍ଲା ମହିଳା ସଭାନେତ୍ରୀ ଅନିମା କହଁର, ପୂନମ କହଁର, ପୌର ଉପାଧ୍ୟକ୍ଷା ପାୟେଲ ବେହେରା, ଶିବ ତ୍ରିପାଠୀ, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଛାତ୍ର ସଭାପତି ସୁନିଲ ସେଠୀ, ଡିଜିଟାଲ ସଭାପତି ରାଜେନ୍ଦ୍ର ପାଢ଼ୀ, ବିଜେଡି କର୍ମକର୍ତ୍ତା, ଯୁବ, ଛାତ୍ର, ମହିଳା କର୍ମୀ, ବ୍ଲକ ଚେୟାରମ୍ୟାନ, ବ୍ଲକ ସଭାପତି, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ନଗର ବିଜେଡି କର୍ମକର୍ତ୍ତା, ମୁନିସିପାଲିଟି ଉପାଧ୍ୟକ୍ଷା ଓ କାଉନସିଲର ଉପସ୍ଥିତ ଥିଲେ ।

# ସଂଜ୍ଞାହୀନ ଅବସ୍ଥାରେ ରାସ୍ତାକଡ଼ରୁ ଯୁବକ ଉଦ୍ଧାର

**ଗଞ୍ଜାମ ,୫ ।୩ (ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତବଡ଼ କାଇଁଚପୁର ଗ୍ରାମର ଜୈନେକ ବ୍ୟକ୍ତି ସଂଜ୍ଞାହୀନ ଅବସ୍ଥା ରେ ଏକ କିଆ ଗୋହିରି ରାସ୍ତାର ପଡିଥିବା ବେଳେ ତାଙ୍କୁ ଅଂଚଳବାସୀ ଉଦ୍ଧାର କରିଥିବା ଜଣା ପଡିଛି । ବ୍ୟକ୍ତି ଜଣକ ହେଲେ ବଡ଼ କାଇଁଚପୁର ଗ୍ରାମର ନୀଳମଣି ବେହେରା (୪୨) । ଶ୍ରମଜୀବୀ ବ୍ୟକ୍ତି ଜଣଙ୍କ ସେ ପ୍ରତିଦିନ ପରି ସନ୍ଧ୍ୟାରେ ଗ୍ରାମ କୁ ଫେରି ଆସୁଥିଲେ। ରାତ୍ର ହେଲେ ସୁଧା ସେ ଘରକୁ ଫେରିନଥିଲେ। ସେ ଗ୍ରାମ ଠାରୁ କିଛି ଦୂରରେ ଅନ୍ଧାରିଆ ସମୟରେ ଖବର ପାଇ ଅଂଚଳବାସୀ ତାଙ୍କୁ ଉଦ୍ଧାର କରି ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଞ୍ଚାଇଥିଲେ । ସେ ଚେତାଶୂନ୍ୟ ଥିବା ବେଳେ ଘଟଣା ର ସତ୍ୟାସତ୍ୟ ଜଣା ପଡ଼ିନାହିଁ । ଅନ୍ଧାର ରାତ୍ରରେ କୌଣସି ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ଅନୁମାନ କରାଯାଉଛି । ଚେତା ଆସିଲାପରେ ପ୍ରକୃତ ରହସ୍ୟ ପଦାକୁ ଆସିବ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡ଼ିକାଲ କୁ ପଠାଇବାର ବ୍ୟବସ୍ଥା କରାଯାଇଛି ।

# ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ

**ରାୟଗଡ଼,୫ ।୩ (ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦଭାବନା ସଭାଗୃହରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ପଞ୍ଚାୟତି ରାଜ ଓ ଲୋକସେବା ଦିବସ ପାଳନ କରାଯାଇଥିଲା । ପ୍ରଥମେ ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଲୋକକଲ୍ୟାଣ ଓ ଉନ୍ନତି ପାଇଁ ବିଜୁବାବୁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା ବୋଲି କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ସୁଧୀର କୁମାର ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ଗୌତମୀ ଜାନି, ସରପଞ୍ଚ ଜଳନ୍ଧର କାର୍ଯୀ, ଭାରପ୍ରାପ୍ତ ଜିପିଓ ସେନାପତି ଶବରଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି, ପିଇଓ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପେଷା ସଂଯୋଜକ ଶ୍ରୀଧର ଦାସ ପରିଚାଳନା କରିଥିଲେ । ସେହିପରି ପ୍ରବାଦ ପୁରୁଷ, ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଉତ୍ସବ ବିଜୁ ଜନତା ଦଳ ପକ୍ଷରୁ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତଥା ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ମାର୍ଲବା ସରପଞ୍ଚ ଜଳନ୍ଧର କାର୍ଯୀ,ସାନତୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର, ଜଲାଙ୍ଗ ସରପଞ୍ଚ ଲାବଣ୍ୟ ଶବର, ବରିଷ୍ଠ ବିଜେଡି ନେତା ଅବନୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କୁ ଟିଡିସିସି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ ଫଳ ବଣ୍ଟନ କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା , ନାଏବ ସରପଞ୍ଚ ନାବଦ୍ଧ ବର୍ଦ୍ଧନ, ୱାଡର୍‌ସଭ୍ୟ ରାଜୁ ଆଚାରୀ, ପୂର୍ବତନ ୱାଡର୍ ସଭ୍ୟ ଲକ୍ଷ୍ମୀକାନ୍ତ ବେହେରା, ବରିଷ୍ଠ ବିଜେଡି ନେତା ରବିନିଧି ସ୍ୱାଲସିଂ ଓ ପଦ୍ମନ ସେଠୀଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ବିଜୁ ଜୟନ୍ତୀ ପାଳିତ




**ଭଞ୍ଜନଗର,୫ ।୩(ସମିସ):** ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ନିଜ ପୈତୃକ ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ବହୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଜୁ ବାବୁଙ୍କ ପୈତୃକ ମାଟି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକର ଘୁମୁସର ନୂଆ ଗାଁ ଠାରେ ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀ ପାଳନ କରାଯାଇଛି । ବିଜୁବାବୁଙ୍କ ପୁତୁରା ପ୍ରମୋଦ ପଟ୍ଟନାୟକ ନିଜ ବାସଭବନରେ ବିଜୁବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପ୍ରଦାନ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତହସିଲ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିପରି ବାଉଁଶଲୁଣ୍ଡି ସ୍ଥିତ ବିଜୁ ସ୍ମୃତି ସଂସଦ ପକ୍ଷରୁ ବାଇପାସ୍ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଗୋପବନ୍ଧୁ ମହାପାତ୍ର, ଉପନଗରପାଳ ଶୁଭଶ୍ରୀ ଦାସ, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ସଂଗଠକ ରାଜକୁମାର ସାହୁ, ବିରେନ୍ଦ୍ର କେଶରୀ ଆରୁଖ, ଭବାନୀ ଶଙ୍କର ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ରହି ବିଜୁବାବୁଙ୍କୁ ମନେ ପକାଇ ଅତୀତର ସ୍ମୃତିକୁ ସାଉଁଟିଥିଲେ । ଶୂଳପାଣି ଶତପଥି ସଭା ସଂଯୋଜନା କରିଥିଲେ । ସେହିପରି ଗାଲେରୀ ସ୍ଥିତ ଦଣ୍ଡପାଣି ମହାରଥା ବିଜ୍ଞାନ ମହାବିଦ୍ୟାଳୟ ଠାରେ ମଧ ବିଜୁବାବୁଙ୍କ ଜୟନ୍ତୀକୁ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଧୁମଧାମରେ ପାଳନ କରିଛନ୍ତି ।

# ‘ନୂଆ-ଓ’ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ



**କୋଦଳା,୫ ।୩(ସମିସ):** କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ସରକାରଙ୍କ ଏହି ଯୋଜନାକୁ ଭୁୟସୀ ପ୍ରଶଂଶା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାରାୟଣ ଦୋରା, ଅଧ୍ୟକ୍ଷ ରଘୁନାଥ ମୁଦୁଲି, ସମ୍ମାନିତ ଅତିଥି ଭାବେ ୪୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା କଲ୍ୟାଣୀ ପାତ୍ର, ମହାବିଦ୍ୟାଳୟ ଆଲୁମିନି ସଭାପତି ସୂର୍ଯ୍ୟନାରାୟଣ ବଡୁ, ବିଜେଡି ମହିଳା ସଭାନେତ୍ରୀ ସୁଜାତା ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦିକା ଗଜଲକ୍ଷ୍ମୀ ପଣ୍ଡା, ସମେତ କାଉନସିଲର ମଧୁସୂଦନ ଯେନା, ମନୋରଞ୍ଜନ ଡାକୁଆ, ଜିତେନ୍ଦ୍ର ପ୍ରଧାନ, ସମେତ ବହୁ କାଉନସିଲର ପ୍ରତିନିଧି ଯୋଗଦେଇଥିଲେ। ନୋଡାଲ ଅଫିସର ଭାବେ ସଫଳ ରୂପାୟନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପକ ସପନ କୁମାର ଦାଶ। ଅଧ୍ୟାପକ ଡଃ ବିଷ୍ଣୁ ନାରାୟଣ ସେଠୀ ଅତିଥି ପରିଚୟ ପ୍ରଦାନ ସହିତ କଲେଜ ବିଷୟରେ ସମ୍ୟକ ସୂଚନା ଦେଇ ଦୀର୍ଘ ବର୍ଷର ଅବହେଳିତ ମହାବିଦ୍ୟାଳୟକୁ ମାତ୍ର ଦୁଇବର୍ଷରେ ୫କୋଟିର ଅନୁଦାନ ମିଳିଥିବାରୁ ସ୍ଥାନୀୟ ବିଧାୟିକାଙ୍କୁ ସାଧୁବାଦ ଜଣାଇଥିଲେ। ଭାଗ୍ୟଶାଳୀ ବିଧାୟିକା ଲତିକା ପ୍ରଧାନଙ୍କୁ ପ୍ରଶଂଶା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଗୃହଲକ୍ଷ୍ମୀ ସାହୁ, ଜ୍ୟୋସ୍ନାରାଣୀ ସାହୁ, ଅଧ୍ୟାପକ ସାଗର ଚାନ୍ଦ ପାତ୍ର, ପ୍ରଦୀପ କୁମାର ପଣ୍ଡା, ପ୍ରଶାନ୍ତ କୁମାର ମହାପାତ୍ର ଓ ବିଜୁ ଯୁବ ଜନତା ଦଳର ସଭାପତି ସୁଦାମ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ନୋଡାଲ ଅଫିସର ଭାବେ ଅଧ୍ୟାପକ ବିନୋଦ କୁମାର ମିଶ୍ର କାର୍ଯ୍ୟକ୍ରମ ସଫଳ ରୂପାୟନ କରିଥିଲେ।

# ସୀମାନ୍ତରେ ମିଳିତ ଯାଞ୍ଚ

**ପାରଳାଖେମୁଣ୍ଡି,୫ ।୩(ସମିସ):** ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାର ଏବଂ ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱ କ୍ରମେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ମିଳିତ ଯାଞ୍ଚ କରାଯାଉଛି । ମଙ୍ଗଳବାର ପାରଳା ସହରର ମହେନ୍ଦ୍ରତନୟା ନଦୀ ତଥା ଆନ୍ଧ୍ର ସୀମାନ୍ତ ନାକା ପଏଣ୍ଟରେ ମଦ ଚାଲାଣ ତଥା ମଦ୍ୟପ ଚାଳକଙ୍କ ଯାଞ୍ଚ କରାଯାଉଛି । ଏହା ସହ ବିଭିନ୍ନ ସ୍ଥାନରେ ମଧ ଏପରି ମିଳିତ ଯାଞ୍ଚ ଚାଲୁଥିବା ସୂଚନା ରହିଛି । ମିଳିତ ଯାଞ୍ଚକୁ ନେଇ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଥିବା ବେଳେ ଏପରି କାର୍ଯ୍ୟକ୍ରମ ଦୈନନ୍ଦିନ କରାଗଲେ ଭଲ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସୀମାନ୍ତ ଅଞ୍ଚଳରେ ଚାଲୁ ରହିଥିବା ଯାଞ୍ଚରେ ପାରଳା ଆଦର୍ଶ ଥାନା ପୁଲିସ ଓ ସଦର ଅବକାରୀ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ରଙ୍ଗେଇଲୁଣ୍ଡା,୫ ।୩(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ନାବାଳିକା ଜଣକ ଦଶମ ଶ୍ରେଣୀ ଅଧ୍ୟୟନ କରୁଥିଲେ । ସୋମବାର ସକାଳେ ବିଶ୍ୱନାଥପୁର ହାଇସ୍କୁଲକୁ ପରୀକ୍ଷା ଦେବା ପାଇଁ ଯାଇଥିଲେ। ଅପରାହ୍ନରେ ଛାତ୍ରୀ ଜଣକ ଘରକୁ ଫେରି ନଥିଲେ । ପରିବାର ଲୋକ ଆଖ ପାଖ ଓ ସମ୍ପର୍କୀୟ ଘରେ ଖୋଜା ଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳିନଥିଲା। ପରେ ତାଙ୍କ ଗ୍ରାମର ଜଣେ ଯୁବକ ଅପହରଣ କରି ନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ନାବାଳିକାଙ୍କ ଭାଇ ଗୋଳନ୍ଥରା ଥାନାରେ ସୋମବାର ରାତିରେ ଅଭିଯୋଗ କରିଥିଲେ । ପୁଲିସ କେସନଂ( ୯୭/୨୪) ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଥିସହ ଛାତ୍ରୀଙ୍କୁ ଉଦ୍ଧାର କରିବା ଓ ଅପହର୍ତ୍ତାଙ୍କୁ ଧରିବା ଲାଗି ପୋଲିସ ଏକ ଟିମ ଗଠନ କରିଥିବା ଜଣାପଡିଛି ।

# ୧୦୮ ୟୁନିଟ ରକ୍ତ ସଂଗ୍ରହ

**ଶେରଗଡ଼,୫ ।୩(ସମିସ):** ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀ ର ସୋମପୁର ନିକଟସ୍ଥ ଘୋଡେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଓଡିଶା ମୋ ପରିବାର, ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ସୁବାଷ ମହାରଣା ଶୁଭାରମ୍ଭ କରିଥିଲେ। ଶିବିରରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ଡାକ୍ତର ମାନେ ଉପସ୍ଥିତ ରହି ଶିବିରରୁ ମୋଟ ୧୦୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ସୁରେନ୍ଦ୍ର ପ୍ରଧାନ ବ୍ଲକ ବିଜେଡି ସଭାପତି, ଡି.ବିଶ୍ୱନାଥ, ଏନ.ରଘୁନାଥ, ଜିଲ୍ଲା ଯୁବ ସମ୍ପାଦକ କିରଣ ପଟ୍ଟନାୟକ, ଓଡିଶା ମୋ ପରିବାର ରାଜ୍ୟ ସମ୍ପାଦକ ନିଳମଣୀ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ପ୍ରୀତି ସାହୁ, ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଶେରଗଡ ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ୫୬ ନଂ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ୫୭ନଂ ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସବିତା ରାଣୀ ଚୌଧୁରୀ, ଶେରଗଡ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ଜୟନ୍ତୀ ପାଳିତ



**ସୋରଡା,୫ ।୩(ସମିସ):** ବିଜୁ ଜୟନ୍ତୀ ଅବସରରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତତ୍ୱରେ ବିଜୁ ସାଂସ୍କୃତିକ ଭବନ ଠାରେ ସ୍ମୃତି ଚାରଣ ସଭା ସହ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୃଦ୍ଧା ଓ ଦୃଷ୍ଟି ହୀନଙ୍କୁ ଚଷମା ସହିତ ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଲିଓ ଟିକାଦାନ ଓ ସୁସ୍ଥ ଜୀବନୀ କିଟ ବଣ୍ଟନ ତଥା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ଛାମୁଆ ନେତାଙ୍କ ସହ ବିଜେଡି ବ୍ଲକ ସଭାପତି ବସନ୍ତ ସ୍ୱାଇଁ, ଆସ୍କା ସମବାୟ ଚିନି ଶିଳ୍ପ ନିଗମ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ନଗର ସଭାପତି ସଂଜୀବ କୁମାର ଅଧିକାରୀ, ମୁଖ୍ୟମନ୍ତ୍ରୀ ପୁରସ୍କୃତ ତିତିଲି ହିରୋ ବୁଦ୍ଧିରାମ ବେହେରା, ଛାତ୍ର ସଭାପତି ପ୍ରସନ୍ନ ମୁନୀ, ଶକ୍ତି ରଞ୍ଜନ ସୁଆର, ଯୁବ ସଭାପତି ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ଏନଏସି ଅଧ୍ୟକ୍ଷା ସଂଘମିତ୍ରା ଦଳେଇ, ଉପାଧ୍ୟକ୍ଷ ଭାଗ୍ୟଲତା ଡାକୁଆ, ଗାଜଲବାଡୀ ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, କାଉନସିଲର କାଜଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ନିଆଁଲାଗି ଦୁଇଘର ଜଳିଗଲା

**ରାୟଗଡ,୫ ।୩(ସମିସ):** ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ କଇଁପୁର ଗ୍ରାମର ସୌରାସାହିରେ ନିଆଁ ଲାଗି ଦୁଇ ଘର ଜଳିଯାଇଛି। ନିଆଁରେ ଦୁଇ ପରିବାର ବେସାହାରା ହୋଇପଡିଛନ୍ତି । ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଏହା ସହ ବାର୍ଷିକ ଜୀବିକା ନିମନ୍ତେ ମହଜୁଦ ରଖିଥିବା ଖାଦ୍ୟ ସାମଗ୍ରୀ ପୋଡି ଯାଇଛି । କଇଁପୁର ଗ୍ରାମବାସୀ ଏକତ୍ର ହୋଇ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ । ମୂଲଲାଗି ବା ଅନ୍ୟନ୍ୟ କାମରେ ଘରୁ ବାହାରକୁ ଯାଇଥିବାରୁ ଦୁଇ ପରିବାରର ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଥିବା ଗ୍ରାମବାସୀ କହିଛନ୍ତି । ଅଗ୍ନି ବିପନ୍ନ ଟିଙ୍କୁ ଶବର ଓ ସକୁଟା ଭୂୟାଁ ଉଭୟେ ଅତି ଗରିବ ଶ୍ରେଣୀର ହୋଥିବା ଏବଂ ବାସଗୃହ ପୋଡିଯାଇ କ୍ଷୟକ୍ଷତି ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଗଲେ ଉଭୟ ପରିବାର ଉପକୃତ ହୋଇପାରିବେ ବୋଲି ନିବେଦନ କରିଛନ୍ତି ଗ୍ରାମବାସୀ ।



# ସିଟି ହାଇସ୍କୁଲରେ ପଞ୍ଚାୟତିରାଜ ଦିବସ ପାଳିତ




**ବ୍ରହ୍ମପୁର,୫ ।୩(ସମିସ):** ସିଟି ହାଇସ୍କୁଲ ପରିସରରେ ପଞ୍ଚାୟତି ରାଜ ଦିବସ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝି ଯୋଗଦେଇ ଭାରତମାତା ତଥା କଳିଙ୍ଗ ବୀର ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଏ ଅବସରରେ କ୍ଲବ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା ।

# ୧ ଲକ୍ଷ ୮ ଦୀପ ପ୍ରଜ୍ୱଳନ ଲାଗି ଶୋଭାଯାତ୍ରା

ଶେରଗଡ଼,୫ ।୩(ସମିସ): ଆସନ୍ତା ୮ ତାରିଖ ଶିବରାତ୍ରୀ ଅବସରରେ ଧବଳପୁର ଗ୍ରାମରେ ପୂଜା ପାଉଥିବା ପ୍ରଭୁ ବଳେଶ୍ୱର ଓ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧ ଲକ୍ଷ ୮ ଦ୍ୱୀପ ପ୍ରଜ୍ୱଳନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଶୁଭ କାର୍ଯ୍ୟର ଶୁଭାରମ୍ଭ କରିବା ଲାଗି ଆଜି ଧବଳପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନନ୍ଦିନୀ ନଦୀରୁ ପୂର୍ଣ୍ଣ କଳସରେ ଜଳ ଆଣିଧବଳପୁର ଗ୍ରାମ ପରିକ୍ରମା କରିବା ସହ ମନ୍ଦିରରେ ପହଞ୍ଚିବା ପରେ ପ୍ରଥମ ଦିବସ ର କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟକର୍ତ୍ତା ଭାବେ ଅରୁଣ ତ୍ରିପାଠୀ ଏବଂ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇଥିଲେ । ଏହି ବିରାଟ କାର୍ଯ୍ୟ ପାଇଁ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା ।

# ଛାତ୍ରଛାତ୍ରୀଙ୍କୁ ମିଳିଲା ‘ନୂଆ-ଓ’ ଛାତ୍ରବୃତ୍ତି ମାନପତ୍ର



**ରାଇକିଆ,୫ ।୩(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଜୀବନ ଜ୍ୟୋତି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂଆ-ଓ ଛାତ୍ରବୃତ୍ତି ମାନପତ୍ର ବଣ୍ଟନ କରାଯାଇଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ଼.ଶଙ୍କର୍ଷଣ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାକର ରାଜୁ ଓ ଉମାକାନ୍ତ ରଥ ଯୋଗ ଦେଇଥିଲେ । ଅଧ୍ୟାପକ ବେଣୁପାଣି ମହାପାତ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଛାତ୍ରୀଙ୍କୁ ବାର୍ଷିକ ୧୦ହଜାର ଓ ଛାତ୍ରଙ୍କୁ ୯ହଜାର ଟଙ୍କା ଲେଖାଏ ସ୍କଲାରସିପ୍ ସେମାନଙ୍କ ବ୍ୟାଙ୍କ ଜମା ଖାତାରେ ସିଧା ଜମାହେବ । ଉକ୍ତ ଛାତ୍ରବୃତ୍ତି ଅର୍ଥରାଶି ଉଚ୍ଚଶିକ୍ଷା , ଉତ୍ତମ ଉପଯୋଗ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ ନାୟକ, ଦିଲୀପ ନାୟକ , ଅଭିୟ ନାୟକ, ଅଧ୍ୟାପିକା ସସ୍ମିତା ଲୋହାର, ଲିଜାଲିନ ଭୋଇ , କାଜଲ ଦଳେଇ ଏବଂ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ । ଅଧ୍ୟାପିକା ମଞ୍ଜୁଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୦୦ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ




**ସାନଖେମୁଣ୍ଡି,୫ ।୩ (ସମିସ):** ସାନଖେମୁଣ୍ଡି ବ୍ଲକ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟରେ ୬୦୦ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ତହସିଲଦାର, ବିଡିଓ ଜୀତେନ୍ଦ୍ର କୁମାର ମିଶ୍ର, ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, କଲେଜ ଅଧ୍ୟକ୍ଷା ଡ଼.ସୁଦେଷ୍ଣା ଚୌଧୁରୀ, କଲେଜ ସଭାପତି ଡ.ପ୍ରଦୀପ କୁମାର ବ୍ରହ୍ମା, କଲେଜ ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ସ୍ୱାଇଁ ମଞ୍ଚାସୀନ ଥିଲେ । କଲେଜ ତରଫରୁ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ତ୍ରିଲୋଚନ ଦାସ, ସାରଦା ରେଡ଼ି, ଅଶ୍ୱିନି ମିଶ୍ର, ଗୌରୀ ମହାପାତ୍ର, କେଶବ ହାଂସଦା, ପିଙ୍କି ସମେତ ସମସ୍ତ ଅଧ୍ୟାପକ କର୍ମଚାରୀ ଉପସ୍ଥିତ ଥିଲେ ।

# ବ୍ରାହ୍ମଣୀଗାଁ ରଷିମାଳ ମହାବିଦ୍ୟାଳୟରେ ‘ନୂଆ-ଓ’ ଛାତ୍ରବୃତ୍ତି ପ୍ରଦାନ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୫।୩(ସମିସ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ବ୍ରାହ୍ମଣୀଗାଁ ରଷିମାଳ (ସ୍ନାତକ) ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ-ଓ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି । ମହା ବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାସ୍କର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ସଭାପତି ଅଜୟ ରଣସିଂ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବରାଜ ବଳିଆରସିଂ, ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତ ମଳିକ ଯୋଗେ ଦେଇଥିଲେ। ରଷିମାଳ (ସ୍ନାତକ) ମହା ବିଦ୍ୟାଳୟର କଳା ଓ ବାଣିଜ୍ୟ ବିଭାଗର ମୋଟ ୪୬୫ ଛାତ୍ରୀଛାତ୍ରୀଙ୍କୁ ନୂଆ-ଓ ଛାତ୍ରବୃତ୍ତି ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କାରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନୂଆ-ଓ ଛାତ୍ର ବୃତ୍ତି ପ୍ରାୟ ୪୬ ଲକ୍ଷ ୧୮ ହଜାର ଟଙ୍କା ପାଇଥିବା କଲେଜ କର୍ତ୍ତୃପକ୍ଷଙ୍କ ସୂଚନା ଦେଇଛନ୍ତି ।






## ୧୦ ମାସ ପରେ ବି ହୋଇ ପାରିଲାନି ସମିତି ବୈଠକ

# ବୈଠକ ବର୍ଜନ କଲେ ନିର୍ବାଚିତ ପ୍ରତିନିଧି

ଶେରଗଡ଼, ୫ ।୩(ସମିସ): ନିୟମାନୁଯାୟୀ ପ୍ରତି ବର୍ଷ ଉକ୍ତ ପଞ୍ଚାୟତ ସମିତି ବୈଠକ ସର୍ବାଧିକ ୫ ଓ ସର୍ବନିମ୍ନ ୪ ଥର ହେବା ଉଚିତ । କିନ୍ତୁ ଶେରଗଡ଼ ପଞ୍ଚାୟତ ସମିତି ୨୦୨୨ ମାର୍ଚ୍ଚ ୧୧ରେ ନୂତନ ସମିତି ଗଠନ ହେବା ପରେ ମଙ୍ଗଳବାର ସୁଦ୍ଧା କେବଳ ୪ଟି ବୈଠକ ଅନୁଷ୍ଠିତ ହୋଇଛି । ଇତି ମଧ୍ୟରେ ଦୀର୍ଘ ୧୦ ମାସ ବିତି ଯାଇଥିଲେ ମଧ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇପାରିନାହିଁ । ମଙ୍ଗଳବାର ସମିତି ବୈଠକ ହେବା ଲାଗି ଦିନ ଧାର୍ଯ୍ୟ କରାଯାଇଥିଲା । ସମିତି ବୈଠକର ନିୟମାନୁଯାୟୀ ୭ ଦିନ ପୂର୍ବରୁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଚିଠି ଦ୍ୱାରା ଜଣାଯିବା କଥା । ହେଲେ ବିଡିଓ ୨ ଦିନ ତଳେ ମଙ୍ଗଳବାର ବୈଠକ ହେବା ନେଇ ସ୍ଥିର କରିଥିଲେ । ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବୈଠକରେ ସମସ୍ତ ଜନପ୍ରତିନିଧି ମାନେ ହୋହାଲ୍ଲା କରିବା ସହ କକ୍ଷତ୍ୟାଗ କରିଥିଲେ । ସେମାନଙ୍କ କହିବା ହେଲା, ବୈଠକର ପ୍ରଥମେ ପୂର୍ବ ବୈଠକରେ ହୋଇଥିବା ସାଧାରଣ ସଭା ଉପରେ ଆଲୋକପାତ କରାଯାଇଥାଏ । ପୂର୍ବ ବୈଠକର ରହିଥିବା ପ୍ରସ୍ତାବ ଗୁଡିକ ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥାଏ । ଯଦି କୌଣସି ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ଉପୁଜିଥାଏ ତେବେ ଏହି ବୈଠକରେ ସବିଶେଷ ଭାବେ ଆଲୋଚନା କରାଯାଇଥାଏ । ଏହି ବୈଠକରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥାନ୍ତି, ଯାହା ଫଳରେ ପ୍ରତି ପଞ୍ଚାୟତ ରୁ ଆସୁଥିବା ଜନପ୍ରତିନିଧି ମାନେ ନିଜ ନିଜ ଅଞ୍ଚଳର ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟ କିପରି ସୂଚାରୁରୂପେ କରିପାରିବେ, ସେ ବିଷୟରେ ଆଲୋଚନା କରିଥାନ୍ତି । ହେଲେ ଶେରଗଡ଼ ବ୍ଲକରେ ଦୀର୍ଘ ୧୦ ମାସ ହେବ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇନଥିବାରୁ ଅନେକ ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

# ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

ଖଲ୍ଲିକୋଟ, ୫ ।୩(ସମିସ):



ଖଲ୍ଲିକୋଟ ଥାନା ଅନ୍ତର୍ଗତ କାଳେଞ୍ଜିପଲ୍ଲୀ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ବରଯାତ୍ରୀରେ ଯାଇ ଫେରିବା ବାଟରେ ବାଇକ୍ ଦୁର୍ଘଟଣା ଘଟିଛି । ଫଳରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି । ମୃତକ ମାନେ ହେଲେ କାଳେଞ୍ଜିପଲ୍ଲୀ ଗ୍ରାମର ପିଣ୍ଟୁ ପ୍ରଧାନ(୨୨) ଓ ଗଣେଶ ପ୍ରଧାନ(୧୭) । ସୋମବାର ପିଣ୍ଟୁ, ଗଣେଶ ଓ ଅନ୍ୟ ଜଣେ ଯୁବକ ବରଯାତ୍ରୀ ହୋଇ ନିକଟସ୍ଥ ବାଣିଆ ଗ୍ରାମକୁ ବାଇକ ଯୋଗେ ଯାଇଥିଲେ । ବରଯାତ୍ରୀରେ ଖୁବ ନାଚିଲେ, ଭୋଜି ଖାଇଲେ ଏବଂ ଖୁବ ମଜା ମସ୍ତି କଲେ । ସେଠାରୁ ବାହାଘର କାର୍ଯ୍ୟକ୍ରମ ସାରି ବିଳମ୍ବିତ ରାତିରେ ତିନି ସାଙ୍ଗ ଫେରୁଥିଲେ । ହେଲେ ବାଣିଆ ଚିକିଲି ରାସ୍ତାରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା । ଫଳରେ ପିଣ୍ଟୁ ଓ ଗଣେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ । ପୁଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ଗ୍ରାମସଭାରେ ଦାବି

ରାଇକିଆ, ୫ ।୩(ସମିସ): ରାଇକିଆ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସ ଅବସରରେ ମଙ୍ଗଳବାର ସ୍ୱତନ୍ତ୍ର ଗ୍ରାମସଭା ହୋଇଥିଲା । ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଇକିଆରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଥିଲେ । ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡକୁ ରାଇକିଆ ବଜାର ଚାରିଛକରେ ଥିବା ପୁରୁଣା ବସଷ୍ଟାଣ୍ଡକୁ ହିଁ ରୂପାନ୍ତରିତ କରିବା ପାଇଁ ସ୍ଥିର କରାଯାଇଛି । ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟ ସୃଷ୍ଟି ହୋଇଛି । ଏହି ନିଷ୍ପତ୍ତିକୁ ସହରବାସୀଙ୍କ ଭବିଷ୍ୟତକୁ ଦୃଷ୍ଟି ରେ ରଖି ବିଚାର କରା ଯାଇ ନ ଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏହି ସ୍ଥାନରୁ ଅଧିକ ବସ ଚଳାଚଳ ସହ ଅଟୋ, ଟ୍ୟାକ୍ସି ଯୋଗୁଁ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ଭବିଷ୍ୟତରେ ଏହି ସମସ୍ୟା ଦ୍ୱିଗୁଣିତ ହେବ । ତେଣୁ ଏହାକୁ ସହରର ମଧ୍ୟଭାଗରୁ ହଟାଇ ଉପଯୁକ୍ତ ସ୍ଥାନରେ ଟ୍ରାଫିକ ମୁକ୍ତ ଅଞ୍ଚଳକୁ ସ୍ଥାନାନ୍ତର କରାଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଅନ୍ୟ ପକ୍ଷରେ ଉକ୍ତ ସ୍ଥାନରେ ଥିବା ଏବଂ ପଞ୍ଚାୟତ ଦ୍ୱାରା ପରିଚାଳିତ ୮୮ରୁ ଅଧିକ ଦୋକାନ ଗୃହ ସମେତ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଜୀବିକା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଗ୍ରାମସଭାରେ ସହମତି କ୍ରମେ ଅନୁମୋଦନ ହୋଇଥଲା । ବୈଠକରେ ଜିଲ୍ଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର, ନାଏବ ସରପଞ୍ଚ ନିଥାଇଲ ନାୟକ, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ପୂଜା କମିଟି ସଭାପତି ଡିଲୁ ମହାନ୍ତିଙ୍କ ସମେତ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଯୋଗ ଦେଇଥିଲେ ।

ଡକାୟତି ଉଦ୍ୟମ ପଣ୍ଡ

# ୫ ଗିରଫ, ମାରଣାସ୍ତ୍ର ଜବତ

ଆସିକା, ୫ ।୩ (ସମିସ): ଆସିକା ଥାନା ଅନ୍ତର୍ଗତ ଠେଙ୍ଗାପଲ୍ଲୀ ନିକଟସ୍ଥ ଋଷିକୂଲ୍ୟା ନଦୀ ହିଡ ନିକଟରେ ସୋମବାର ବିଳମ୍ବିତ ରାତିରେ ୫ ଜଣ ଯୁବକ ମାରଣାସ୍ତ୍ର ସହିତ ଡକାୟତି ଯୋଜନା କରୁଥିଲେ । ଏତିକିବେଳେ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅଜିତ ପରିଡ଼ା, ଏଏସଆଇ ଏକେ ପଟ୍ଟନାୟକଙ୍କ ସହିତ ଏକ ଟିମ ସେଠାରେ ପହଞ୍ଚି ସେମାନଙ୍କୁ କାବୁ କରିଥିଲେ । ଅଭିଯୁକ୍ତ ମାନଙ୍କ ଠାରୁ ଦୁଇଟି ବାଇକ, ଦୁଇଟି ବୋମା ସହ ମରାଣାସ୍ତ୍ର ଜବତ ହୋଇଛି । ଅଭିଯୁକ୍ତ ମାନେ ହେଲେ ଆସିକା ଥାନା ନବରଙ୍ଗପୁର ଗ୍ରାମର ସିଲୁ (୨୩), ଆସିକା ସୁନାମ୍ବ ସାହିର ସୁରେଶ (୨୧), ଗୁଣ୍ଡପଡ଼ାର ଉମେଶ ପାତ୍ର (୩୨), ଆସିକା ଅଞ୍ଚଳର ଗଣେଶ ବେହେରା, ଆସିକା ଥାନା ଗୌଡ଼ଗୋଠ ଗ୍ରାମର କାଳୁ ଚରଣ ନାହାକ(୪୦) । ଏନେଇ ପୁଲିସ ଥାନା କେସନଂ(୧୫୨/୨୪) ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି ।

# ବୋଡ଼ାନଦୀ ପୋଲ ଉଦ୍‌ଘାଟିତ



ବେଲଗୁଣ୍ଠା, ୫ ।୩(ସମିସ): ସେମବାର ଆସିକା ସାଂସଦ ପ୍ରମିଳା ବିଷୋୟୀ ଓ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବେଲଗୁଣ୍ଠା ବ୍ଲକ ଓ ସୋରଡା ବ୍ଲକକୁ ସଂଯୋଗ କରୁଥିବା ଗାଙ୍ଗପୁର ନିକଟସ୍ଥ ବିଞ୍ଝିଗିରି ଠାରେ ୪କୋଟି ୧୭ ଲକ୍ଷ ଟଙ୍କାରେ ନିର୍ମିତ ହେବକୁ ଥିବା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାର ଶୁଭ ଦେଇଥିଲେ । ଦେଇଥିଲେ । ସେହିପରି ବେଲଗୁଣ୍ଠା ନିକଟସ୍ଥ ଚଢ଼ିଆପୋଲି ଠାରେ ବୋଡ଼ା ନଦୀରେ ନିର୍ମାଣ ହୋଇଥିବା ନୂତନ ପୋଲକୁ ବିଧାୟକ ଓ ସାଂସଦ ମିଳିତ ଭାବେ ଉଦଘାଟନ କରିଥିଲେ । ଏହା ପରେ ମଙ୍ଗଳପୁରା ନିକଟସ୍ଥ ଜାଲଖାଇ ଠାରୁ ସୋରଡ ୫ କିମୀ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ ଏସ ରାମେଶ୍ୱର ପାତ୍ର, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ, ୪୮ନଂ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ପଞ୍ଚାନନ ନାୟକ, ପୂର୍ବତନ ସମିତିସଭ୍ୟ ତଥା ୪୭ ନମ୍ବର ଯୋନ ବିଜେଡି ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଯୁବ ନେତା ମାଧବ ଆପଟ ଓ ତୁଷାର ବିଷୋୟୀ, ସରପଞ୍ଚ ପ୍ରତିନିଧି ଜ୍ୟୋତି ନାୟକ, ଠିକାଦାର ଗୋପାଳ ପଣ୍ଡା ଓ ଆଶୁତୋଷ ପଣ୍ଡା, ଯନ୍ତ୍ରୀ ଅଜିତ କୁମାର ସ୍ୱାଇଁ ଓ ବେଲଗୁଣ୍ଠା ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ




ଜଗନ୍ନାଥପ୍ରସାଦ, ୫ ।୩(ସମିସ): ଜଗନ୍ନାଥ ପ୍ରସାଦ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ଉପସଭାପତି ପ୍ରଭାତ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର, ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ଉପସଭାପତି ଯୁଗଳ କିଶୋର ବେହେରା, ସମାଜସେବୀ ସୂର୍ଯ୍ୟନାରାୟଣ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ ପ୍ରଦୀପ୍ତ କିଶୋର ଭୂୟାଁ, ଯୁବ ସଭାପତି ଶ୍ରୀକାନ୍ତ ଦଳବେହେରା, ବିଭୁତି ଭୂଷଣ ନାୟକ, ଆଇନଜୀବୀ ରଙ୍କନିଧି ପାତ୍ର ପ୍ରମୁଖ ମଞ୍ଚାସିନ ରହି ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ବାରିକ, ଉମାଶଙ୍କର ବାରିକ, ବିଜୟ କୁମାର ନାୟକ, ବୁଲୁ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ଶିଶିରକାନ୍ତ ସାହୁ, ଅନୁପ ଭୂୟାଁ, ଧ୍ରୁବ ଚରଣ ବେହେରା, ଡକ୍ଟର ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, କବିସୂର୍ଯ୍ୟ ବେହେରା, ବରୁଣ କୁମାର ବେହେରା, ଦେବୀପ୍ରସାଦ ମହାପାତ୍ର, ସୁଶାନ୍ତ କୁମାର ପ୍ରଧାନ, ମାନସ ରଞ୍ଜନ ପରିଛା, ବିକ୍ରମ ଆଲଟିଆ, ଲିଟୁ ବେହେରା, ୨୫ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ୨୩, ୨୪, ୨୫ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରତିନିଧିଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷାବିତ ପ୍ରଦୀପ୍ତ କିଶୋର ଭୂୟାଁ ପରିଚାଳନା କରିଥିଲେ ।




ଧରାକୋଟ : ଧରାକୋଟ ପଞ୍ଚାୟତ ସମିତି ତରଫରୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ହୋଇଯାଇଛି । ବିଡିଓ ଡେନିସ ବେହେରା, ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ଏଇଇ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ସୁଶିଲ ପଟ୍ଟନାୟକ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତ ପ୍ରତିନିଧି ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# 'ବିଜୁବାବୁ ଜଣେ ମହନୀୟ ଆଦର୍ଶର ସ୍ୱାଭିମାନୀ ବ୍ୟକ୍ତିତ୍ୱ'



ଛତ୍ରପୁର, ୫ ।୩(ସମିସ):

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ଗଞ୍ଜାମ ଜିଲ୍ଲାସ୍ତରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଜୁ ବାବୁଙ୍କ ତୈଳଚିତ୍ରରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଙ୍ଗୀତ ଭୂଷଣ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ବିଜୁବାବୁଙ୍କ ସ୍ମୃତିଚାରଣ କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଜୁବାବୁ ଥିଲେ ସୀମାହୀନ ମହନୀୟ ଆଦର୍ଶର ଏକ ଗୌରବ ମଣ୍ଡିତ ସ୍ୱାଭିମାନୀ ବ୍ୟକ୍ତିତ୍ୱ । ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ପ୍ରତିଭା ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ କୁମାର ଦାଶ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା ଯୋଗଦେଇ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ସାମ୍ବାଦିକ କେ. ସତ୍ୟ ନାରାୟଣ ରେଡ୍ଡୀ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ । ଆକାଶବାଣୀ ବ୍ରହ୍ମପୁରର ସାମୟିକ ଉଦଘୋଷକ ତଥା ସାମାଜିକ କର୍ମୀ ଅରୁଣ କୁମାର ଶତପଥୀ ଅଧ୍ୟକ୍ଷତା କରି ବିଜୁବାବୁଙ୍କ ସ୍ମୃତିଚାରଣ କରି କହିଥିଲେଯେ, ବିଜୁବାବୁ ଓଡ଼ିଶା ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ଶେଷରେ ସମସ୍ତଙ୍କ ସହଯୋଗ କ୍ରମେ ଏହି ଆଲୋଚନାଚକ୍ର ସଫଳ ହୋଇପାରିଥିବା ଯୋଗୁଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଶେରଗଡ଼ : ମହିଳାଙ୍କୁ ଅଗ୍ରାଧିକାର ଦେବା ଭଳି ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ବିଜୁ ବାବୁ । ୧୦୮ ତମ ଜୟନ୍ତୀ ଅବସରରେ ଶେରଗଡ଼ ଚାରିଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ସ୍ମୃତିଚାରଣ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ଶେରଗଡ଼ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ବିଜେଡି ସଭାପତି ଦିଗାମ୍ବର ନାହାକ, ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ପାତ୍ର, ହୀନ ବେହେରା, ମେଘନାଦ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ସିମାଞ୍ଚଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



କୁକୁଡ଼ାଖଣ୍ଡି: ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ କୁକୁଡ଼ାଖଣ୍ଡି ବିଜୁ ଜନତା ଦଳର ସଭାପତି ସୀତାରାମ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପରେ ଦଳୀୟ ନେତା ଓ କର୍ମୀମାନେ ଦକ୍ଷିଣପୁର ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଓଁ ଜରା ନିବାସ ଠାରେ ପହଞ୍ଚି ବୃଦ୍ଧ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବରିଷ୍ଠ ସମାଜ ସେବୀ ଉଦୟ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠୀ, ଭାରତୀ ନାୟକ, କୁକୁଡ଼ାଖଣ୍ଡି ବ୍ଲକ ବିଜେଡି ଉପସଭାପତି କୈଳାଶ ବିଷୋୟୀ, ରାଜ୍ୟ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ରଣା, ସରପଞ୍ଚ ସଂଘର ସଭାପତି ବଶିଷ୍ଠ କୁମାର ଜେନା, ଲାଞ୍ଜିଆ ସରପଞ୍ଚ ଅନୀଲ କୁମାର ଗୌଡ଼, ଲାଠୀ ସରପଞ୍ଚ ତଥା ଛାତ୍ର ସଭାପତି ରାଧାମୋହନ ସେଠୀ, ବାଘଲଟି ସରପଞ୍ଚ ମାମି ସାସମଲ, ସରପଞ୍ଚ ପ୍ରତିନିଧି ସୁକାନ୍ତ ସାସମଲ, ବନ୍ଥପଲ୍ଲୀ ସରପଞ୍ଚ କାମିନୀ ନାୟକ, ପ୍ରତିନିଧି ଟୁନା ନାୟକ, ଡେଙ୍ଗାପଦର ସରପଞ୍ଚ ଲକ୍ଷ୍ମୀ ମହାକୁଡ଼, ସରପଞ୍ଚ ପ୍ରତିନିଧି ଶଙ୍କର ମହାକୁଡ଼, ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ, ବାଲିପଡ଼ା ସରପଞ୍ଚ ଝିଲି ସେଠୀ, ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠୀ, କଙ୍କିଆ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ବଉଳଝୋଲି ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ, ମସିହାଖାଲି ସମବାୟ ସମିତି ସଭାପତି ସୁରେଶ ସେଠୀ, ଅନନ୍ତାଇ ସରପଞ୍ଚ ପୂର୍ଣ୍ଣବାସୀ ବିଶ୍ୱାଳ, ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, କୁକୁଡ଼ାଖଣ୍ଡି ସରପଞ୍ଚ ବନ୍ଦନା କୁମାରୀ ସେଠୀ, ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ମହୁଡା ସରପଞ୍ଚ ସୁଦକ୍ଷା ସାହୁ, ପୂର୍ବତନ ସମିତି ସଭ୍ୟ ନରସିଂହ ସାହୁ, ରଘୁ ପ୍ରସାଦ ପାତ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

ଛତ୍ରପୁର : ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ଛତ୍ରପୁର ଠାରେ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପାଳନ କରାଯାଇଛି । ଏହି ଅବସରରେ ଦଳୀୟ ନେତା ଓ କର୍ମୀ ମାନେ ଲୋୟାର ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଏହାପରେ ଅପରାହ୍ନରେ ଷ୍ଟେସନରୋଡ଼ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶମ୍ରି ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ,



ଛତ୍ରପୁର ନଗର ସଭାପତି ବି. ରାଜିବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ବ୍ଲକ ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ଗଞ୍ଜାମ ଏନଏସି ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ଛତ୍ରପୁର ଏନଏସିର କାଉନସିଲର ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠୀ, ମମତା ପାତ୍ର, ବି. ନିଶ୍ଚଳା, କେ. ରମେଶ ଓ ସୁମନ୍ତ ନାହାକ, ବିଜୁ ଯୁବ ଜନତା ଦଳ ସଭାପତି ଭବାନୀ କାନ୍ତ ସାହୁ, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକ, ରାକେଶ ରଞ୍ଜନ ଦାସ, ଜିତୁ ପଣ୍ଡା, ଦଣ୍ଡପାଣି ପରିଡ଼ାଙ୍କ ସମେତ ବିଜୁ ଆଇନ ସାମ୍ମୁଖ୍ୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଶେରଗଡ଼ : ହିଞ୍ଜିଳିକାଟୁ ବ୍ଲକ ପୁଚିଲିମା ପଞ୍ଚାୟତ ମା ଘୋଡେଇଶୁଣୀ ପଞ୍ଚାୟତରେ ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସଂକଳ୍ପ ସମାବେଶ ଉଭୟ ବ୍ଲକର ଯୁବ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ମନୋଜ କୁମାର ସାବତଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ସୁରେନ୍ଦ୍ର ପ୍ରଧାନ ବ୍ଲକ ବିଜେଡି ସଭାପତି, ଡି.ବିଶ୍ୱନାଥ, ଏନ.ରଘୁନାଥ, ଜିଲ୍ଲା ଯୁବ ସମ୍ପାଦକ କିରଣ ପଟ୍ଟନାୟକ, ଓଡ଼ିଶା ମୋ ପରିବାର ରାଜ୍ୟ ସମ୍ପାଦକ ନିଳମଣୀ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ପ୍ରୀତି ସାହୁ, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଶେରଗଡ଼ ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ୫୬ ନଂ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ୫୭ନଂ



ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସବିତା ରାଣୀ ଚୌଧୁରୀଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ ।

